## କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କଲେ ଆଇଜର ଛାତ୍ରାବାସ

ବ୍ରହ୍ମପୁର ଅଫିସ: ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲାଉଡ଼ିଗାଁରେ ବ୍ରହ୍ମପୁର ଆଇଜର (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ)ର ନବନିର୍ମିତ ଛାତ୍ରାବାସ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏ ବାବଦରେ ୪୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଖୁବ୍ ନିକଟରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ଦିଆଯାଇଛି। ସେ କହିଥିଲେ, ଓଡ଼ିଶା ଏବଂ ଓଡ଼ିଆଙ୍କୁ ଏନ୍‌ଡିଏ ସରକାରରେ ଗୁରୁତ୍ୱ ଦିଆଯାଉଛି। ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ରାଜ୍ୟ ପାଇଁ ଗର୍ବ ବୋଲି କହିଥିଲେ।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ତଫସିଲଭୁକ୍ତ ଜାତି, ଜନଜାତି କର୍ମଚାରୀ କର୍ମକ୍ଷେତ୍ରରେ ସମ୍ମୁଖୀନ ହୋଇଥିବା ସମସ୍ୟା ସମ୍ପର୍କିତ ଆଲୋଚନାଚକ୍ର, କସ୍ତୁରବା ନାରୀ ମହଲ, ୟୁନିଟ୍-୧, ଅପରାହ୍ନ ୫ଟା ୩୦।
- ହେଲ୍ମେଟ୍ ଓ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତିର ବିଶେଷ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଶ୍ରୀ ପତିତପାବନ ଦେବଙ୍କ ବାହୁଡ଼ା ଯାତ୍ରା, କାକରୁଦ୍ରପୁର, ରଥଟଣା ଅପରାହ୍ନ ୩ଟା।

## ସଂକ୍ଷେପରେ

### ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ପଦ୍ମାବତୀ ସମ୍ମାନ

ଭୁବନେଶ୍ୱର,୧୦।୭(ବ୍ୟୁରୋ): ଆକୃତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରଥମ ପଦ୍ମାବତୀ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ଦାସ, ଏମ୍‌ଜିଏମ୍ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ୍‌ର ଅଧକ୍ଷ ପଙ୍କଜ ଲୋଚନ ମହାନ୍ତି, ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁ ସଙ୍ଗୀତା ଗୋସାଇଁ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରିଡର୍ ଗୁରୁ ଡ. ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତିଙ୍କୁ ପଦ୍ମାବତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ବିଭିନ୍ନ ଦାବିରେ ଜଳେଶ୍ୱରରୁ ନବୀନ ନିବାସ ପଦଯାତ୍ରା



ଭୁବନେଶ୍ୱର, ୧୦।୭(ବ୍ୟୁରୋ): ବିଭିନ୍ନ ଦାବି ନେଇ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ବୀରେଶପୁରର ପୂର୍ଣ୍ଣଚନ୍ଦ୍ର ସିଂ ଲକ୍ଷ୍ମଣନାଥ ରୋଡଠାରୁ ପଦଯାତ୍ରାରେ ବାହାରି ଶୁକ୍ରବାର ନବୀନ ନିବାସ ନିକଟରେ ପହଞ୍ଚିଥିଲେ। ଏହି ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ମଦମୁକ୍ତ କରିବା, ଜୁଲାଇ ୧ତାରିଖକୁ ଚକ୍ଷୁ ଦିବସ ଭାବେ ଘୋଷଣା କରିବା, ମଧ୍ୟାହ୍ନଭୋଜନରେ ଶାଗକୁ ସାମିଲ କରାଯିବା, ଓଡ଼ିଆ ଭାଷାକୁ ବିକୃତ ଭାବେ ଲେଖାଯିବା ବନ୍ଦ କରାଯିବା, ସମସ୍ତ ସ୍କୁଲ ଓ କଲେଜରେ ଅଲଚିକି ଭାଷାର ଶିକ୍ଷକ ନିଯୁକ୍ତି କରାଯିବା, ସମସ୍ତ ଭୂମିହୀନଙ୍କୁ ଘରଡିହ ପଟ୍ଟା ଦେବା, ପ୍ରତ୍ୟେକ ଗରିବଙ୍କୁ ଆବାସ ଗୃହ ଯୋଗାଇଦେବା ପ୍ରଭୃତି ରହିଛି। ପୂର୍ଣ୍ଣଚନ୍ଦ୍ର ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ଦାବି ପୂରଣ ହେବା ନେଇ ଆଶା ପ୍ରକାଶ କରିଛନ୍ତି।

### ହରିଶୟନ ଏକାଦଶୀ ନୀତି ସମ୍ପନ୍ନ

ପୁରୀ ଅଫିସ,୧୦।୭: ଆଷାଢ଼ ମାସ ଶୁକ୍ଳପକ୍ଷ ଏକାଦଶୀକୁ ହରିଶୟନ ଏକାଦଶୀ ବୋଲି କୁହାଯାଏ। ଏହିଦିନଠାରୁ ଦୀର୍ଘ ଚାରି ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନି, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟ ବ୍ରତ ପାଳନ କରନ୍ତି। ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ। ତେଣୁ ବିବାହ, ବ୍ରତ ଘର ଆଦି କାର୍ଯ୍ୟ ଏହି ଚାରିମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭ କାର୍ଯ୍ୟ ହୋଇଥାଏ।



ଇସ୍କନ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସୁନାବେଶ।



କିସ୍ ପରିସର ଶ୍ରୀବାଣୀକ୍ଷେତ୍ର



ପୁରୁଣା ଭୁବନେଶ୍ୱର

# ସୁନାବେଶରେ ଝଟକିଲେ ଦାରୁବିଗ୍ରହ

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ସୁନାବେଶରେ ସଜେଇ ହୋଇ ଦାରୁବିଗ୍ରହ ରବିବାର ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ନବଦିନାତ୍ମକ ଯାତ୍ରା ସାରି ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ଅଭିମୁଖେ ବାହୁଡ଼ିବା ପରେ ରଥ ଉପରେ ସୁନାରେ ସଜ୍ଜିତ ହୋଇ ଝଟକିଛନ୍ତି। ଠାକୁରଙ୍କ ଏହି ସ୍ୱର୍ଣ୍ଣ ରୂପ ଦେଖି ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଥିଲେ । ରାଜଧାନୀର ରସୁଲଗଡ଼, ଇସ୍କନ ମନ୍ଦିର, ପୁରୁଣା ଭୁବନେଶ୍ୱର, କିସ୍ କ୍ୟାମ୍ପସ ଏହିଭଳି ବିଭିନ୍ନ ସ୍ଥାନରେ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଇସ୍କନ ମନ୍ଦିରରେ ଅପରାହ୍ନ ୪ଟା ପରଠାରୁ ସୁନାବେଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

**ଭାବ ବିହ୍ୱଳ ହେଲେ ଭକ୍ତ**

ପାଖାପାଖି ୭ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ବର୍ଷା ନ ଥିବାରୁ ଭକ୍ତଙ୍କ ସଂଖ୍ୟା ଅଧିକ ରହିଥିଲା। ଆୟୋଜିତ ଭଜନ ସନ୍ଧ୍ୟାରେ ଇପ୍ସିତା ପତି, ଚିରାଗ ପାଣିଗ୍ରାହୀ, ପଦ୍ମିନୀ ପିୟୁଷ ପଣ୍ଡା, ଦୁର୍ଗାଶ୍ରୀ ଷଡ଼ଙ୍ଗୀ, ଶୁଭଶ୍ରୀ ପ୍ରମୁଖ ଭଜନ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ଏହି ଭଜନ ସମାରୋହ ଚାଲିବା ସହ ଦର୍ଶନ ବ୍ୟବସ୍ଥା ମଧ୍ୟ ହୋଇଥିଲା। ପରେ ପ୍ରସାଦ ଭାବେ ପାଲୁଅ ଖିରି ସେବନ କରିବାକୁ ଦିଆଯାଇଥିଲା। ଭକ୍ତମାନେ ଏଠାରୁ ବିଭିନ୍ନ ପିଠା ଯଥା, କାକରା, ମଣ୍ଡା, ଗଜା, ଖଜା, ଫେଣି, ପୋଡ଼ପିଠା ପ୍ରଭୃତି କିଣିଥିଲେ। ସେହିପରି ପ୍ରତିବର୍ଷ ପରି ଚଳିତବର୍ଷ କିସ୍ ପରିସରସ୍ଥ ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି। ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଶ୍ରୀବାଣୀ କ୍ଷେତ୍ରରେ ପ୍ରତିବର୍ଷ ସୁନାବେଶ ଆୟୋଜିତ ହୋଇଥାଏ। ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ବହୁ ଭକ୍ତ ସମାଗମ ହୋଇଥିଲେ। ଠାକୁରମାନଙ୍କୁ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ କରାଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇଥିଲା। ଭକ୍ତମାନେ ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ ଦେଖିବାର ସୁଯୋଗ ପାଇଥିଲେ। ସୁନାବେଶରେ ଠାକୁରମାନଙ୍କୁ ଶ୍ରୀପୟର, ଶ୍ରୀଭୁଜ, ଶ୍ରୀକୀରିଟ, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଧମାନ ଲାଗି କରାଯାଇଥିଲା। ପରମ୍ପରା ଅନୁସାରେ ଏହି ବେଶଗୁଡ଼ିକ ଠାକୁରଙ୍କଠାରେ ଶୋଭା ପାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମହାପ୍ରଭୁଙ୍କ ଏହି ମହାବେଶ ପରିବେଶକୁ ଆଧ୍ୟାତ୍ମିକମୟ କରିଥିଲା। ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନେକ କଣ୍ଠଶିଳ୍ପୀ ଯୋଗଦେଇ ଭଜନ ଗାନ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ ।

## ୨୪ତମ ଶିଶୁ ମହୋତ୍ସବ ଭାଗନେଲେ ୨ଶହ ପିଲା

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ୨୪ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ନାଲ୍‌କୋର ମାନବସମ୍ବଳ ବିକାଶ ନିର୍ଦ୍ଦେଶକ ରାଧେଶ୍ୟାମ ମହାପାତ୍ର, ରୋଟାରିଆନ ପ୍ରଫେସର ଡ. ଜୟନ୍ତୀ ଜଗଦେବ, ରୋଟାରିଆନ ଜୟଶ୍ରୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହିଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ, କୌତୁକିଆ ପୋଷାକ, ସଙ୍ଗୀତ ଓ ନୃତ୍ୟ ପ୍ରଭୃତି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କମିଟିର ସାଧାରଣ ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରୋଟାରିଆନ ପୂରବୀ ଦାସ ମଞ୍ଚ ପରିଚାଳନା କରିଥିଲେ।

## 'ଦୁର୍ନୀତି ନିବାରଣରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର,୧୦।୭(ବ୍ୟୁରୋ):

ଦୁର୍ନୀତି ନିବାରଣ ସାମାଜିକ ଅନୁଷ୍ଠାନ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅନୁଷ୍ଠାନର ଜାତୀୟ ସମ୍ପାଦକ ଡ. ବିପିନ ବିହାରୀ ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସ୍ଥାର ରାଜ୍ୟ ଉପସଭାପତି ଡ. ଶିବପ୍ରସାଦ ବେହେରା ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଲୋକାୟୁକ୍ତଙ୍କ ନ୍ୟାୟିକ ସଦସ୍ୟ ଜଷ୍ଟିସ ବିଜୟ କୁମାର ନାୟକ ଯୋଗଦେଇ ଦୁର୍ନୀତି ନିବାରଣ ଆଇନ, ବ୍ୟବସ୍ଥା ତଥା ପ୍ରଶାସନିକ ସଞ୍ଚାଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅତିଥି ଭାବେ ଓଡ଼ିଶା ମାନବ ଅଧିକାର ଆୟୋଗର ଅନୁସନ୍ଧାନ ନିର୍ଦ୍ଦେଶକ ତଥା ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ ପ୍ରାଣବିନ୍ଦୁ ଆଚାର୍ଯ୍ୟ କହିଥିଲେ, ଦୁର୍ନୀତିର ବ୍ୟାପକତାକୁ ସଙ୍କୁଚିତ କରିବାରେ ସାମାଜିକ ଅନୁଷ୍ଠାନମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ରାଷ୍ଟ୍ରୀୟ ଉପସଭାପତି ଡ.ସୁକାନ୍ତି ମିଶ୍ର ଯୋଗଦେଇ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ମହିଳାଙ୍କ ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ରାଜ୍ୟ ସଭାପତି କିଶୋର ଚନ୍ଦ୍ର କର ଓ ରାଜ୍ୟ ସାଧାରଣ ସମ୍ପାଦକ ଇଂ. ବିପିନ ବିହାରୀ ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ (ଲୋକ ସମ୍ପର୍କ) ଗୋଲକ ବିହାରୀ ସିଂହଙ୍କ ଲିଖିତ ଦୁର୍ନୀତି ନିବାରଣ ସମ୍ପର୍କୀୟ ଦୁଇଟି ପୁସ୍ତିକା ଏବଂ ସ୍ମରଣିକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ଅପରାଧ ରୋକିବାକୁ ଜେଲରେ ପରେଡ୍

ଭୁବନେଶ୍ୱର,୧୦।୭(ବ୍ୟୁରୋ):

- ୭ ଦିନରେ ଜେଲକୁ ଆସିଥିବା ଅଭିଯୁକ୍ତଙ୍କ ତଥ୍ୟ ସଂଗ୍ରହ
- ପ୍ରତ୍ୟେକ ରବିବାର ହେବ ପରେଡ୍




ରାଜଧାନୀରେ ପୂର୍ବାପେକ୍ଷା ଅପରାଧ ବଢ଼ି ଚାଲିଛି। ବିଭିନ୍ନ ମାମଲାରେ ଅଭିଯୁକ୍ତମାନେ ଗିରଫ ହୋଇ ଜେଲ ଯାଉଛନ୍ତି। ତେବେ କିଛି ଦିନ ପରେ ସେମାନେ ଜାମିନରେ ଆସି ପୁଣି ଅପରାଧ ଘଟାଉଛନ୍ତି। ଅଭ୍ୟାସଗତ ଅପରାଧୀମାନେ ବାରମ୍ବାର ଆତଙ୍କ ଖେଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କଡ଼ା ନଜର ରଖିବା ସହ ଅପରାଧ ରୋକିବାକୁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ (ୟୁପିଡି) ପୁଣି ପୁରୁଣା କାର୍ଯ୍ୟଧାରାକୁ ଆପଣାଇଛି। ପୋଲିସ ରବିବାର ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ପରେଡ୍ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ୍ ଯାଇ ଅଭ୍ୟାସଗତ ଅପରାଧୀଙ୍କ ତଥ୍ୟ ସଂଗ୍ରହ କରିଛନ୍ତି। ଉକ୍ତ ତଥ୍ୟ ଆଧାରରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଯୋଜନା କରିଛି। ପ୍ରତ୍ୟେକ ରବିବାର ଜେଲରେ ଏଭଳି ପରେଡ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅପରାଧୀଙ୍କୁ ବାଟକୁ ଆଣିବାକୁ କମିଶନରେଟ୍ ପୋଲିସ ପୂର୍ବରୁ ଏହି ପଦକ୍ଷେପ ଗ୍ରହଣ କରିଥିଲା। ଏବେ ପୁଣି ଅପରାଧ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପୋଲିସ ଏହା ଆରମ୍ଭ କରିଛି। ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀ, ଶହୀଦନଗର ଥାନାଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କ ସମେତ ଏକ ପୋଲିସ ଟିମ୍ ଝାରପଡ଼ା ଜେଲ୍ ଯାଇଥିଲେ। ଗତ ୭ଦିନ ମଧ୍ୟରେ ଗିରଫ ହୋଇ ଜେଲ ଆସିଥିବା, ଏକାଧିକ ମାମଲାରେ ସମ୍ପୃକ୍ତ ଥିବା, ଅଭ୍ୟାସଗତ ଅପରାଧୀଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଜେଲ୍ କର୍ତ୍ତୃପକ୍ଷଙ୍କଠାରୁ ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିଛନ୍ତି। ଗତ ୭ଦିନ ମଧ୍ୟରେ କେଉଁ କଏଦୀମାନେ ଜାମିନ୍‌ରେ ବାହାରକୁ ଆସିଛନ୍ତି, ଜାମିନ୍‌ରେ ଆସି ପୁଣି ଅପରାଧ ଘଟାଇଛନ୍ତି, ଥାନାଧିକାରୀମାନେ କାହାକୁ କେଉଁ ମାମଲାରେ ଗିରଫ କରିଥିଲେ, ସମ୍ପୃକ୍ତ ଅଭିଯୁକ୍ତ ଜେଲରେ ଅଛନ୍ତି କି ନାହାନ୍ତି, କେଉଁମାନେ ତାଙ୍କୁ ଦେଖା କରିବାକୁ ଆସୁଛନ୍ତି, ଅପରାଧୀଙ୍କ ଆଚରଣ କେମିତି ରହିଛି, କିଏ କେତେ ମାମଲାରେ ସମ୍ପୃକ୍ତ ପ୍ରଭୃତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ସମ୍ପୃକ୍ତ କଏଦୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ଅଣାଯାଇଛି। ପୋଲିସ ମାନୁଆଲ ଅନୁଯାୟୀ, ଜେଲରେ ରହୁଥିବା ଅଭିଯୁକ୍ତଙ୍କ ଉପରେ ଥାନାଧିକାରୀ ନଜର ରଖିବାର ନିୟମ ରହିଛି। ବିଶେଷକରି ଚୋରି, ଲୁଟ୍, ଡକାୟତି ଭଳି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରିଛି। ଏହି ପରେଡ୍ ଦ୍ୱାରା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପୋଲିସ ନଜର ରଖିବ।

## 'ଅନୁଭୂତିରେ ଶ୍ରୀଜଗନ୍ନାଥ'

ଭୁବନେଶ୍ୱର,୧୦।୭(ବ୍ୟୁରୋ):

କୋଠଘର ଆମ ସାହିତ୍ୟ ପକ୍ଷରୁ ରବିବାର ଭର୍ଚୁଆଲ ମାଧ୍ୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅନୁଭୂତିରେ ଶ୍ରୀଜଗନ୍ନାଥ' ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଠଘର ପ୍ରତିଷ୍ଠାତା ସମ୍ପାଦିକା ଅମ୍ବିକା ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ହରିହର କାନୁନଗୋ ଯୋଗଦେଇ ବାହୁଡ଼ା ଯାତ୍ରାର ମାହାତ୍ମ୍ୟ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ସୁସମ୍ପର୍କ, ସଂସ୍କାର, ସାହାଯ୍ୟ ଓ ସେବା ମନୋବୃତ୍ତି ରହିଲେ ମନୁଷ୍ୟ ଜୀବନର ମାନବିକ ମୂଲ୍ୟବୋଧର ବିକାଶ ହୁଏ ବୋଲି ସେ କହିଥିଲେ। ଭାଷା ବିଜ୍ଞାନୀ ଡ଼. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିମାଦ୍ରୀ ତନୟା ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଭାବଗ୍ରାହୀ ବଳ, କବି ଆଶୁତୋଷ ମେହେର, ଅଶୋକ ସାମନ୍ତ, ମମତା ବାରିକ୍, ଗାୟତ୍ରୀ ତ୍ରିପାଠୀ, ନମିତା ପାଇକରାୟ, ମଞ୍ଜୁଲତା ସିଂ, ପ୍ରଭାତୀରାଣୀ ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ଅପର୍ଣ୍ଣା ମିଶ୍ର, ରଞ୍ଜିତା ତ୍ରିପାଠୀ, ମୋନିକା ମହାପାତ୍ର ଏବଂ ଅମ୍ବିକା ସ୍ୱାଇଁ ପ୍ରମୁଖ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନେଇ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## 'ଅଚିହ୍ନା ସହରର ନକ୍ସା' ପୁସ୍ତକ ଉନ୍ମୋଚିତ



ସରଦେଇପୁରସ୍ଥିତ ଡାକବଙ୍ଗଳାରେ ଡ. ରଜନୀ ରଞ୍ଜନଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ବାଲକାଟୀ,୧୦।୭(ଡି.ଏନ୍.ଏ.)

କବି, ଗୀତିକାର ତଥା ଚଳଚ୍ଚିତ୍ର ସଂଳାପକାର ଡ. ରଜନୀ ରଞ୍ଜନଙ୍କ ଲିଖିତ କଥାକାର ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ 'ଅଚିହ୍ନା ସହରର ନକ୍ସା' ପୁସ୍ତକ ରବିବାର ରାଜଧାନୀ ଉପକଣ୍ଠ ସରଦେଇପୁର ଡାକବଙ୍ଗଳାରେ ଉନ୍ମୋଚିତ ହୋଇଯାଇଛି। କଥାକାର ତଥା କବି ଅଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଲେଖକ ରଞ୍ଜନ କୁମାର ଦାଶ, ନାଟ୍ୟକାର ତଥା ଆହେ ନୀଳ ଶୈଳର ନିର୍ଦ୍ଦେଶକ ଶଙ୍କର ତ୍ରିପାଠୀ, ନାଟ୍ୟକାର ତଥା ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ମନୋଜ ପଟ୍ଟନାୟକ, ନାଟ୍ୟକାର ବିଜୟ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ସାମ୍ପ୍ରତିକ ଅଭିନୟ ଜଗତରେ ଜଣେ ନାଟ୍ୟକାର ଗବେଷଣାମତକ ଚିନ୍ତାଧାରାରେ ଜଣମାନସକୁ ପ୍ରୟାସ କରୁଥିବା ନେଇ ଅତିଥିମାନେ ମତ ରଖିଥିଲେ। ଖବରଦାତା ସୋମନାଥ ସ୍ୱାଇଁ ସ୍ୱାଗତ ଭାଷଣ ଓ ମାଧବ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜୟଦେବ ପ୍ରେସ କ୍ଲବ ସଭାପତି ନିରଞ୍ଜନ ସେନାପତି, ଅଭିମନ୍ୟୁ ନାୟକ, କବି ବିପିନି ମହାନ୍ତି, ବଙ୍କିମ ନାୟକ, ବିଧୁଭୂଷଣ ପଟନାୟକ, ଭଗବାନ ସାହୁ, କମଳିନୀ ମଲ୍ଲିକ, ପୂର୍ଣ୍ଣ ମହାରଣା, ତନୟା ଦାଶ ଗୋସ୍ୱାମୀ, ବୈଜନ୍ତି ସାହୁ, ବେଣୁ ପ୍ରତିହାରୀ ପ୍ରମୁଖ ବହୁ ଲେଖକ, ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ।

## ଭୁବନେଶ୍ୱରରୁ ୫୭୫ ପ୍ରତିଯୋଗୀ ଭାଗ ନେଲେ




ଇଣ୍ଡିଆନ ଆଇଡଲ ଅଡିଶନ

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ଇଣ୍ଡିଆନ ଆଇଡଲ ସିଜନ-୧୩ର ଅଡ଼ିଶନ ରବିବାର ଭୁବନେଶ୍ୱର ସିଜୁଆସ୍ଥିତ ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଡ଼ିଶନ ଖୁବ୍‌ଶୀଘ୍ର ସୋନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନରେ ପ୍ରସାରଣ ହେବ। ସକାଳ ୮ଟାରୁ ଡୁନ ସ୍କୁଲରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ପ୍ରତିଯୋଗୀମାନେ ବହୁ ଉତ୍ସାହର ସହ ଆସି ନାମ ପଞ୍ଜୀକରଣ କରାଇଥିଲେ। ପାଖାପାଖି ୫୭୫ଜଣ ପ୍ରତିଯୋଗୀଙ୍କ ଭାଗ ନେଇଥିବା ସୂଚନା ମିଳିଛି।

# ରାସ୍ତାକୁ ଗୋରୁ ଛାଡ଼ିଲେ ଗଣିବେ ଜରିମାନା

ଭୁବନେଶ୍ୱର, ୧୦।୭ (ବ୍ୟୁରୋ)

- ଖୁବ୍‌ଶୀଘ୍ର ନିର୍ମାଣ ହେବ ଆଉ ୨ ଗୋଶାଳା
- ଖୋର୍ଦ୍ଧା ଜିଲାପାଳଙ୍କୁ ଜାଗା ମାଗିଲା ବିଏମ୍‌ସି

ରାଜଧାନୀ ଭୁବନେଶ୍ୱରରେ ବୁଲା ଗାଇଗୋରୁଙ୍କ ପ୍ରାର୍ଦୁଭାବ କମାଇବା ପାଇଁ ବିଏମ୍‌ସି ପଦକ୍ଷେପ ନେଉଛି। ଏଣିକି ବୁଲାଗୋରୁ ହୁଅନ୍ତୁ ଅବା ଗୃହପାଳିତ ପ୍ରାଣୀ ସେମାନେ ରାସ୍ତାରେ ବୁଲିପାରିବେ ନାହିଁ। ରାସ୍ତାରେ ବୁଲିଲେ ସେମାନଙ୍କୁ ବିଏମ୍‌ସି ସ୍କ୍ୱାଡ୍ ଉଠାଇନେବ। ସେହିପରି ଯେଉଁ ମାଲିକମାନେ ସେମାନଙ୍କ ଗୋରୁଙ୍କୁ ରାସ୍ତାକୁ ଛାଡ଼ିବେ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ବୋଲି ବିଏମ୍‌ସି ପକ୍ଷରୁ ଯୋଜନା ହୋଇଛି। ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳ ରାସ୍ତାରେ ଦଳ ଦଳ ହୋଇ ଗୋରୁପଲଙ୍କ ଯୋଗୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ତେଣୁ ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ବିଏମ୍‌ସିର ସ୍ୱତନ୍ତ୍ର ସ୍କ୍ୱାଡ୍ ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖିବ। ଏହି ସମୟରେ ମାଲିକ ସେମାନଙ୍କ ଗୋରୁ ନେବାକୁ ଆସିଲେ ବାଛୁରୀଙ୍କୁ ଦିନ ପିଛା ୧ହଜାର ଟଙ୍କା ଏବଂ ଗାଈ ପାଇଁ ଦିନକୁ ଦେଢ଼ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯଦି ୨/୩ ଦିନ ଭିତରେ ସମ୍ପୃକ୍ତ ଗୋରୁଙ୍କ ମାଲିକ ସେମାନଙ୍କୁ ନେବାକୁ ନ ଆସନ୍ତି ତେବେ ବିଏମ୍‌ସିର ଗୋଶାଳା ଜାମୁକୋଲିକୁ ପଠାଇ ଦିଆଯିବ। ବିଏମ୍‌ସି ସେମାନଙ୍କର ରକ୍ଷଣାବେକ୍ଷଣ କରିବ ବୋଲି ବିଏମ୍‌ସି ଡେପୁଟି କମିଶନର (ୱେଲଫେୟାର୍) ରମେଶ ଚନ୍ଦ୍ର ଜେନା ରବିବାର ସୂଚନା ଦେଇଛନ୍ତି। ସହରରେ ଅନେକ ବ୍ୟକ୍ତି ଗୋରୁ ରଖୁଥିଲେ ବି ସେମାନଙ୍କର ଠିକ୍ ଭାବେ ଯତ୍ନ ନେଉ ନାହାନ୍ତି। ଅନେକଙ୍କର ଗୁହାଳ ନ ଥିବାରୁ ଗୋରୁଙ୍କୁ ରାସ୍ତା କଡ଼ରେ ଛାଡ଼ି ଦେଉଛନ୍ତି। ତେଣୁ ସେମାନଙ୍କ ପାଇଁ ବିଏମ୍‌ସି ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବ। ଏହି ସ୍କ୍ୱାଡ୍ ଗୋରୁ ରଖୁଥିବା ଲୋକଙ୍କ ଘରକୁ ଯାଇ ଗୁହାଳ ଅଛି କି ନାହିଁ ତଦାରଖ କରିବେ। ଏଥିସହ ଗୋପାଳନ କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଦେଖିବେ। ଖୁବ୍ ଶୀଘ୍ର ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ଡେପୁଟି କମିଶନର କହିଛନ୍ତି।

ଏହାବ୍ୟତୀତ ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ଆଉ ଦୁଇଟି ଗୋଶାଳା ନିର୍ମାଣ କରାଯିବ। ଏଥିପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ୧୨ ଏକର ଏବଂ ୯ ଏକର ପରିମିତ ଦୁଇଟି ଜାଗା ମଗାଯାଇଛି। ଜାଗା ମିଳିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ବୁଲା ଗୋରୁଙ୍କ ପାଇଁ ଜାମୁକୋଲିଠାରେ ଗୋଟିଏ ଗୋଶାଳା ରହିଛି। ସେଠାରେ ଏବେ ୧୭୫ ଗୋରୁ ରହିଛନ୍ତି। ସହରରେ ୨ହଜାରରୁ ଊର୍ଦ୍ଧ୍ୱ ବୁଲା ଗୋରୁ ଥିବାବେଳେ ଗୋଟିଏ ଗୋଶାଳାରେ ସମସ୍ତଙ୍କୁ ରଖିବା ସମ୍ଭବ ହେଉନାହିଁ। ତେଣୁ ଆଉ ଦୁଇଟି ଗୋଶାଳା ନିର୍ମାଣ ଲାଗି ଯୋଜନା ପ୍ରସ୍ତୁତ ହେଉଛି। ଏ ସମ୍ପର୍କରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଅନେକ ସମୟରେ ବୁଲା ଗୋରୁଙ୍କ ପାଇଁ ଦୁର୍ଘଟଣା ଘଟୁଛି। ତେଣୁ ଏହାକୁ ଏଡ଼ାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଖୁବ୍ ଶୀଘ୍ର ଏନେଇ ସମସ୍ତ ପ୍ରକ୍ରିୟା ସହ ଗୋଶାଳା ନିର୍ମାଣ କରାଯିବ। ବାହାରେ ଗୋରୁମାନେ ପଲିଥିନ୍‌ଠାରୁ ଆରମ୍ଭ କରି ପ୍ଲାଷ୍ଟିକ୍, ଅଇଁଠା ଆଦି ଖାଉଛନ୍ତି। ମାତ୍ର ସେଠାରେ ସେମାନଙ୍କୁ ଭଲ ଖାଇବା ଦିଆଯିବା ସହ ଉପଯୁକ୍ତ ଯତ୍ନ ନିଆଯିବ। ପ୍ରାୟ ୪/୫ ହଜାର ଗୋରୁ ରହିବା ଭଳି ବ୍ୟବସ୍ଥା କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

# ସୁନାବେଶରେ ଦାରୁଦିଅଁ


ବଡ଼ଠାକୁର ବଳଭଦ୍ର


ମା' ସୁଭଦ୍ରା

## ଆଜି ଅଧରପଣା ନୀତି

ପୁରୀ ଅଫିସ,୧୦।୭

ମହାପ୍ରଭୁଙ୍କର ସରି ଆସୁଛି ଚଳିତବର୍ଷର ନବଦିନାତ୍ମକ ଯାତ୍ରା। ରବିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କୁ ଲାଗି ହେବ ଅଧର ପଣା। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାଟି ହାଣ୍ଡିରେ ପଣା ରଖାଯାଇ ଭୋଗ କରାଯାଉଥିବାରୁ ଏହି ନୀତିକୁ ଅଧରପଣା ନୀତି କୁହାଯାଇଥାଏ। ତିନି ବାଡରେ ତିନି ରଥ ଉପରେ ତିନୋଟି ଲେଖାଏ ମୋଟ ୯ଟି ହାଣ୍ଡିରେ ପଣା ଭୋଗ କରାଯିବ। ତେବେ ପୂର୍ବରୁ ୧୨ ହାଣ୍ଡିରେ ଅଧରପଣା ହେଉଥିବା ଜଣାଯାଏ। ଆଗରୁ ତିନିଦିନ ଧରି ଅଧରପଣା ନୀତି ଅନୁଷ୍ଠିତ ହେଉଥିଲା। ତେବେ ବର୍ତ୍ତମାନ ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡି ଅଧରପଣା ପ୍ରସ୍ତୁତି ହୋଇଥାଏ। ନୀତି ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟରେ ଥିବା ଛାଉଣୀ ମଠ ସମ୍ମୁଖସ୍ଥ କର୍ପୂର ଗରାରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପଣା ପ୍ରସ୍ତୁତ ହୋଇ ଅଧର ଚୁମ୍ବିତ ମାଟି ହାଣ୍ଡିଗୁଡିକରେ ରଖାଯାଇଥାଏ। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚଉପଚାରରେ ଦାରୁ ବିଗ୍ରହମାନଙ୍କୁ ଭୋଗ ଲଗାଇଥାନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ପଣା ହାଣ୍ଡିଗୁଡିକୁ ଭାଙ୍ଗି ଦିଆଯାଇଥାଏ। ଜନଶ୍ରୁତିରୁ ଜଣାଯାଏ ତିନିରଥରେ ଠାକୁରଙ୍କ ସାଥିରେ ୩୩ କୋଟି ଦେବଦେବୀ, ପିଶାଚ, କିନ୍ନର, ନାଗ ଚଣ୍ଡୀ, ଚାମୁଣ୍ଡା, ଭୂତ, ପ୍ରେତ ଯାଇଥାନ୍ତି। ସେମାନେ ଏହି ପଣା ପିଇଲେ ମୋକ୍ଷ ପ୍ରାପ୍ତ ହୋଇଥାନ୍ତି। ତେଣୁ ଏହି ପଣାକୁ କାହାକୁ ଦିଆଯାଇ ନ ଥାଏ।

## ଠାକୁରଙ୍କ ସମ୍ମୁଖରେ ବସିଲେ ସେବାୟତ

ପୁରୀ ଅଫିସ,୧୦।୭

ଦୁଇବର୍ଷ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଛି। ମାତ୍ର ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ସନୁବେଶ ପର୍ଯ୍ୟନ୍ତ ଭକ୍ତମାନେ ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିବାରୁ ବଞ୍ଚିତ ହୋଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀଗୁଣ୍ଡିଚା ଏବଂ ବାହୁଡା ଯାତ୍ରାରେ ରଥରେ ଯେତିକି ସେବାୟତ ରହିବା କଥା ତା'ଠାରୁ ଢେର ଅଧିକ ଥିଲେ। ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ଭଲ ଭାବେ କରିପାରି ନ ଥିଲେ। ସେହିଭଳି ସୁନାବେଶରେ ମଧ୍ୟ ସୁନାରେ ସଜ୍ଜିତ ମହାପ୍ରଭୁଙ୍କ ଦର୍ଶନ ବେଳେ ବାଧା ସାଜିଥିଲେ ସେବକ। ସେବାୟତମାନେ ମହାପ୍ରଭୁଙ୍କ ସମ୍ମୁଖରେ ବସିବା ସହ ତାଙ୍କ ପାଖରେ ବେଢି ରହିଥିବାରୁ ଭକ୍ତମାନେ ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ମୁଖ୍ୟତଃ ମହାପ୍ରଭୁଙ୍କ ବେଶ ସମ୍ପନ୍ନ ହେବା ପରେ ଅନେକ ସେବକ ମହାପ୍ରଭୁଙ୍କ ସମ୍ମୁଖରେ ବସି ରହିଥିଲେ। ଫଳରେ ମହାପ୍ରଭୁଙ୍କ ଶ୍ରୀପୟର ସମ୍ପୂର୍ଣ୍ଣ ଲୁଚିଯାଇଥିଲା। ଏପରିକି ପ୍ରଶାସନ ପକ୍ଷରୁ ମାଇକ ଯୋଗେ ବାରମ୍ବାର ମହାପ୍ରଭୁଙ୍କ ଆଗରୁ ସାଇଡ ହେବା ପାଇଁ କୁହାଯାଉଥିଲେ ମଧ୍ୟ ସେବାୟତମାନେ ଉଠି ନ ଥିଲେ। ମହାପ୍ରଭୁଙ୍କ ସୁନା ବେଶ ଦର୍ଶନ କରି ସାନ୍ନିଧ ପାଇବା ଆଶାରେ କାହିଁ କେଉଁ ଦୂରରୁ ଶ୍ରଦ୍ଧାଳୁ ଆସିଥିବା ବେଳେ ଠିକ୍ ଭାବେ ଦର୍ଶନ କରିବାରେ ଅସୁବିଧା ହୋଇଥିଲା। ଏହାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା।


ଶ୍ରୀହସ୍ତ


ଶ୍ରୀପୟର


ଶ୍ରୀଶଙ୍ଖ


ଶ୍ରୀଚକ୍ର


ମୁଷଳ


ସୁନା କିରୀଟ


ସୁନାବେଶ ପାଇଁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ପତିତପାବନଙ୍କ ପ୍ରତୀକାତ୍ମକ ସୁନାବେଶ



ପୁରୀ ଅଫିସ,୧୦।୭– ରଥାରୂଢ଼ ଦାରୁବିଗ୍ରହଙ୍କ ରଥ ଉପରେ ସୁନାବେଶ କେଉଁ ଆବହମାନ କାଳରୁ ଚାଲିଆସିଥିବା ବେଳେ ବିଗତ ବର୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ପତିକାତ୍ମକ ଭାବେ ସୁନାବେଶ କରାଯାଇଛି। ପୂଜାପଣ୍ଡା ନିଯୋଗର ନିଜସ୍ୱ ଉଦ୍ୟମରେ ପତିତପାବନଙ୍କ ସୁନାବେଶ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର ଠାକୁର ହେଉଛନ୍ତି ପତିତପାବନ। ତେଣୁ ପତିତପାବନଙ୍କୁ ନିଯୋଗ ପକ୍ଷରୁ ସୁନାବେଶ କରାଯାଇଛି। ତେବେ କିଛିବର୍ଷ ହେବ ନିଯୋଗ ପକ୍ଷରୁ ଶ୍ରୀପତିତପାବନଙ୍କୁ ସୁନାବେଶ କରିବା ପାଇଁ ଦାବି କରାଯାଉଥିଲା। ବିଗତ ବର୍ଷ ନିଯୋଗରେ ବୈଠକ ବସି ସୁନାବେଶ ଅବସରରେ ପତିତପାବନଙ୍କୁ ସୁନାବେଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ପତିତପାବନଙ୍କୁ ସୁନାବେଶ କରାଯାଇଛି। ତେବେ ସୁନେଲି ରଙ୍ଗର ସୋଲ, ଜରି, ଜମୁରା ଆଦି ସାମଗ୍ରୀରେ ଏହି ବେଶ ପ୍ରସ୍ତୁତ ହୋଇଥିବା ବେଳେ ଚିତା, କୁଣ୍ଡଳ ଏବଂ ମାଳି ରୁପାରେ ପ୍ରସ୍ତୁତ କରାଯାଇଛି।

## ଭାବ ବିହ୍ୱଳ ହେଲେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ

ଭୁବନେଶ୍ୱର,୧୦।୭(ବ୍ୟୁରୋ)

### ଝାଡଖଣ୍ଡରେ ପହଞ୍ଚିଲା 'ଉତ୍କଳ ପ୍ରସଙ୍ଗ'ର 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା'


ଅତିଥିମାନେ 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଝାଡଖଣ୍ଡ ରାଜ୍ୟ ତଥା ଓଡ଼ିଶା ବିଚ୍ଛିନ୍ନାଞ୍ଚଳ ଷଢେଇକଳା, ଖରସୁଆଁ, ଚାଇଁବସା ଓ ଚକ୍ରଧରପୁର ଆଦି ଅଞ୍ଚଳବାସୀଙ୍କୁ 'ଉତ୍କଳ ପ୍ରସଙ୍ଗ'ର 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା' ଶନିବାର ବଣ୍ଟନ କରାଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ମହିମା ସହିତ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ଉଦ୍ୟମ କରାଯାଇଛି। ଶ୍ରୀଜଗନ୍ନାଥଙ୍କ କଥାମୃତ, ସଂସ୍କୃତି ଏବଂ ପରମ୍ପରା ଉପରେ ଗବେଷଣାତ୍ମକ ଲେଖାରେ ସମୃଦ୍ଧ ଏହି ପତ୍ରିକା ଷଢେଇକଳା, ଖରସୁଆଁ, ଚାଇଁବସା ଓ ଚକ୍ରଧରପୁର ଅଞ୍ଚଳର ଓଡ଼ିଆବାସୀ ପାଇବା ପରେ ଭାବ ବିହ୍ୱଳ ହୋଇପଡିଛନ୍ତି। 'ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା' ଯୋଗୁ ସେମାନେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବହୁତ କିଛି ଜାଣିବାକୁ ପାଉଛନ୍ତି। ଏଥିସହ ସେମାନେ ନିଜ ପିଲାଙ୍କୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ଐତିହ୍ୟ ସମ୍ପର୍କରେ ଅବଗତ କରାଇ ପାରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହି ପତ୍ରିକା ସେମାନଙ୍କ ପାଖରେ ପହଞ୍ଚାଇବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାରୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି। ବିଭାଗ ପକ୍ଷରୁ ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ଓ ସୌରଭ ପ୍ରଧାନ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡିଆ ସଂଗଠନର କର୍ମକର୍ତ୍ତାଙ୍କ ସହ ମିଶି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆୟୋଜିତ ସଭାରେ ଯୋଗଦେଇ ଏହି ପତ୍ରିକା ବାଣ୍ଟିଥିଲେ।

## 'ପ୍ରତିଦ୍ୱନ୍ଦ୍ୱିତା ପାଇଁ ରଣନୀତି ଆବଶ୍ୟକ'

ଭୁବନେଶ୍ୱର, ୧୦।୭(ବ୍ୟୁରୋ)




କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)-୨୦୨୧ର ସିଭିଲ ସର୍ଭିସ ପରୀକ୍ଷାରେ ଶ୍ରୁତି ଶର୍ମା ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିଲେ। ୨୫ ବର୍ଷୀୟା ଶ୍ରୁତି ଦ୍ୱିତୀୟ ଥର ପ୍ରଚେଷ୍ଟାରେ ଏହି ସଫଳତା ପାଇଥିଲେ। ଉତ୍ତରପ୍ରଦେଶର ବିଜନୋର ଜିଲାରେ ଜନ୍ମଗ୍ରହଣ କରିଥିବା ଶ୍ରୁତି ଦିଲ୍ଲୀରେ ଶିକ୍ଷା ଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଶେଷ କରିବା ପରେ ଇତିହାସରେ ପିଜି କରିବା ପାଇଁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ନାମ ଲେଖାଇଥିଲେ। ହେଲେ ସେହି ସମୟରେ ସିଭିଲ ସର୍ଭିସ ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। କଠିନ ଅଧ୍ୟବସାୟ ଓ ଦୃଢ଼ ମନୋବଳ ତାଙ୍କୁ ଏହି ସଫଳତା ଦେଇପାରିଛି। ରବିବାର ଭୁବନେଶ୍ୱର ଆସିଥିବା ଅବସରରେ ଶ୍ରୁତିଙ୍କ ସହ ସାକ୍ଷାତ୍‌କାର।

**●ପରିବାରରେ ସମସ୍ତେ ବିଜ୍ଞାନ ବିଷୟ ନେଇଥିବା ବେଳେ ଆପଣ କଳା ବିଭାଗ କାହିଁକି ବାଛିଥିଲେ?**

ଯଦିଓ ସମସ୍ତଙ୍କର ବିଜ୍ଞାନ ବିଷୟ ଥିଲା, କିନ୍ତୁ ମୋର ଇତିହାସ, ହ୍ୟୁମାନିଟିଜ୍ ପ୍ରତି ଦୁର୍ବଳତା ଥିଲା। ଏଥିସହିତ ଯଦି ମୁଁ ସିଭିଲ ସର୍ଭିସ ଦିଗରେ ଯିବି ତେବେ ଆଗକୁ ଯାଇ ଦେଶ ସେବା କରିପାରିବି ବୋଲି ଭାବିଲି। ତେଣୁ ଏସବୁ ଦିଗକୁ ଦେଖି ମୁଁ କଳା ବିଭାଗ ବାଛିଥିଲି।

**●ଇଣ୍ଟରଭ୍ୟୁର ଅନୁଭୂତି ସମ୍ପର୍କରେ କ'ଣ କହିବେ?**

ସାକ୍ଷାତକାର (ଇଣ୍ଟରଭ୍ୟୁ) ପାଇଁ ଗଲାବେଳେ ସମସ୍ତଙ୍କ ମନରେ ଭୟ ଥାଏ। ମୋର ବି ଥିଲା। କିଛି ପ୍ରଶ୍ନ ପଚରାଯାଇଥିଲା, ଯାହାର ଉତ୍ତର ମୁଁ ଜାଣି ନ ଥିଲି। ଯେମିତି କି ମୋତେ ଏନ୍‌ଆଇଏ, ୧୮୧୨ରେ ହୋଇଥିବା ଯୁଦ୍ଧ ସମ୍ପର୍କରେ ପଚରାଯାଇଥିଲା। କିନ୍ତୁ ମୁଁ ଜାଣି ନ ଥିଲି। ସେ ସମୟରେ ଶାନ୍ତ ରହିବା ଦରକାର ଏବଂ ମୋତେ ଉତ୍ତର ଆସୁନାହିଁ ବୋଲି ସିଧାସଳଖ କହିଦେବା ଉଚିତ। ମୁଁ ତାହା ହିଁ କରିଥିଲି।

**●ସମାଜରେ ବିଭିନ୍ନ ପ୍ରକାର ଆହ୍ୱାନ ରହିଛି। ଶ୍ରୁତି ଶର୍ମା କେଉଁ କ୍ଷେତ୍ରରେ ଯିବା ପାଇଁ ପସନ୍ଦ କରିବେ?**

ଶିକ୍ଷା, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ ବା ଯେଉଁ କ୍ଷେତ୍ର ବି ହେଉ, ମୋତେ ଯାହା ଦାୟିତ୍ୱ ଦିଆଯିବ ସେଥିରେ ମୁଁ ନିଷ୍ଠାପର ସହ କାର୍ଯ୍ୟ କରିବି।

**●ଯେଉଁମାନେ ସିଭିଲ ସର୍ଭିସରେ ସଫଳତା ପାଉନାହାନ୍ତି, ସେମାନଙ୍କ ପାଇଁ କ'ଣ କହିବେ?**

ସବୁ ଯାତ୍ରାର ସଫଳତା ଏବଂ ଅସଫଳତା ଏକ ଅଂଶ। ତେଣୁ ତଳୁ ଉଠି ଆମକୁ ପୁଣି ଆଗକୁ ଯିବାର ଅଛି। ଯଦି ଗୋଟିଏ ପ୍ରୟାସରେ ଅସଫଳତା ମିଳୁଛି, ଆଉଥରେ ଚେଷ୍ଟା କରିବା ଦରକାର। ସବୁବେଳେ ସକାରାତ୍ମକ ଦୃଷ୍ଟିକୋଣ ରହିବା ଉଚିତ। ସମାଜ ସେବା କରିବାକୁ ଆହୁରି ବିଭିନ୍ନ କ୍ଷେତ୍ର ରହିଛି। ସେଥିରେ ବି ସେମାନେ ଚେଷ୍ଟା କରିବା ଉଚିତ। ତେବେ ଯଦି ସିଭିଲ ସର୍ଭିସ କ୍ଷେତ୍ରରେ ହିଁ ଯିବା ପାଇଁ ନିଶ୍ଚିତ ଥିବ, ତେବେ ଆଉଥରେ ସୁଯୋଗ ନିଅ ଏବଂ ନିଜ ଭୁଲ୍‌କୁ ସୁଧାର। ଫଳରେ ନିଶ୍ଚିତ ଭାବେ ସଫଳତା ପାଇପାରିବ।

**●ନୂଆ ଆଶାୟୀଙ୍କୁ କ'ଣ କହିବେ?**

ଯାହା ବି ତୁମେ ଲକ୍ଷ୍ୟ ରଖୁଛ, ସେଥିରେ ଶତ ପ୍ରତିଶତ ଦେବା ପାଇଁ ଚେଷ୍ଟା କରିବା ଉଚିତ। କେବଳ ଅଧିକ ସମୟ ପାଠ ପଢ଼ିଲେ ହେବ ନାହିଁ। ଯେତିକି ସମୟ ବି ପଢ଼ିବ ତାହା ମୂଲ୍ୟବାନ ହୋଇଥିବା ଦରକାର। ଚେଷ୍ଟା ଜାରି ରହିଲେ ଏବଂ ମନୋବଳ ଦୃଢ଼ ଥିଲେ ନିଶ୍ଚିତ ଭାବେ ସଫଳତା ମିଳିବ।

**●ଓଡ଼ିଶାରେ ୟୁପିଏସ୍‌ସିରେ ବହୁତ କମ୍ ପିଲା ର୍ୟାଙ୍କ୍ ପାଉଛନ୍ତି। ଆପଣଙ୍କୁ ଲାଗୁଛି ଯେ କେବଳ ଦିଲ୍ଲୀ ଗଲେ ସଫଳତା ମିଳିବ?**

ନା। ମୁଁ ସେମିତି ଭାବେ ନାହିଁ। କାରଣ ପ୍ରତିବର୍ଷ ସିଭିଲ ସର୍ଭିସ ପରୀକ୍ଷାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପିଲା ସଫଳତା ପାଉଛନ୍ତି। ଓଡ଼ିଶାରୁ ମଧ୍ୟ ମନୋନୀତ ହେଉଛନ୍ତି। ଆଜିକାଲି ସବୁ ମାଟେରିଆଲ, ମେଣ୍ଟରଶିପ୍ ଭଳି ବିଭିନ୍ନ ସୁବିଧା ସବୁଠି ଉପଲବ୍ଧ। ଅନ୍‌ଲାଇନ୍‌ରେ ସବୁ କିଛି ମିଳିଯାଉଛି। ତେଣୁ ମୁଁ ଭାବୁଛି, ସବୁ ଜାଗାରେ ବସି ପାଠ ପଢ଼ାଯାଇପାରିବ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ଏକ ସୁଚିନ୍ତିତ ରଣନୀତି ଏବଂ ଦୃଢ଼ ସଙ୍କଳ୍ପର ଆବଶ୍ୟକତା ରହିଛି।

–ସାକ୍ଷାତ୍‌କାର: ଅସମାପିକା ସାହୁ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୭।୨୦୨୨

| ୩,୮୭,୫୦୨ ଟଙ୍କା | |
|---|---|
| ସୁନା | ୪.୯୦୦ ଗ୍ରାମ |
| ରୁପା | ୪୮.୫୦୦ ଗ୍ରାମ |

# ସୁନାବେଶ ପାଇଁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ଜରୁରିକାଳୀନ ସେବା ପାଇଁ ରୋଗୀ ହନ୍ତସନ୍ତ
- ସବୁ ପାର୍କିଂ ସ୍ଥାନ ପୂର୍ଣ୍ଣ

ପୁରୀ ଅଫିସ,୧୦।୭:

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାରୁ ରବିବାର ପୁରୀ ସହର ଓ ସଂଲଗ୍ନ ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ପୁରୀକୁ ପ୍ରବେଶର ତିନି ମୁଖ୍ୟ ରାସ୍ତା ଏକପ୍ରକାରର ଅଚଳ ହୋଇପଡ଼ିଥିଲା। ଭୁବନେଶ୍ୱର ପଟୁ ଆସୁଥିବା ଯାନବାହାନ ପୁରୀ ସହର ଭିତରେ ପ୍ରବେଶ କରିପାରି ନ ଥିଲେ। ପ୍ରବଳ ଗହଳି ହେତୁ ପ୍ରବେଶ ଅନୁମତି ମିଳି ନ ଥିଲା। ସେହିଭଳି କୋଣାର୍କ ଓ ବ୍ରହ୍ମଗିରି ପଟରୁ ଆସୁଥିବା ଯାନବାହନ ମଧ୍ୟ ସହରରେ ପ୍ରବେଶ କରି ନ ପାରି ଅଟକି ରହିଥିଲେ। ତେବେ ସହର ବାହାରେ ଯାନବାହନ ଯାତାୟାତରେ ମଧ୍ୟ ସମସ୍ୟା ଦେଖାଦେଇଥିଲା। ବ୍ରହ୍ମଗିରି, ଭୁବନେଶ୍ୱର ଓ କୋଣାର୍କକୁ ଥିବା ବିଭିନ୍ନ ବାଇପାସ୍ ରାସ୍ତା ମଧ୍ୟ ବ୍ଲକ୍ ହୋଇଥିଲା। ଏଭଳି ଅନେକ ଲୋକ ରହିଥିଲେ, ଯେଉଁମାନେ ପୁରୀ ସହର ଭିତରକୁ ପ୍ରବେଶ କରିବାକୁ ଚାହୁଁ ନ ଥିଲେ, ମାତ୍ର ନିଜ ଘରକୁ ଯିବାକୁ ଚାହୁଁଥିଲେ। ବ୍ରହ୍ମଗିରିରୁ କୋଣାର୍କ, କୋଣାର୍କରୁ ବ୍ରହ୍ମଗିରି, ଭୁବନେଶ୍ୱରରୁ କୋଣାର୍କ ଓ କୋଣାର୍କରୁ ଭୁବନେଶ୍ୱର ଯିବାକୁ ଚାହୁଁଥିବା ଲୋକେ ବାଧ୍ୟ ହୋଇ ଫସିରହିଥିଲେ। ସହର ବାହାର ଟ୍ରାଫିକ୍ ବ୍ୟବସ୍ଥା ଉପରେ କାହାରି ଧ୍ୟାନ ନ ରହିବାରୁ ବାଧ୍ୟ ହୋଇ ଲୋକେ ନିଜ କାମ ବନ୍ଦ କରି ଘଣ୍ଟା ଘଣ୍ଟା ଗାଡ଼ି ଭିତରେ ବସି ରହିଲେ। ସନ୍ଧ୍ୟା ସମୟରେ ସ୍ଥିତି ଏଭଳି ଥିଲା ଯେ, କୌଣସି ଗାଡ଼ି ସହର ଭିତରକୁ ପ୍ରବେଶ କରିପାରୁ ନ ଥିଲା କିମ୍ବା ପଛକୁ ଫେରିପାରୁ ନ ଥିଲା। ଫଳରେ ଲୋକେ ଟ୍ରାଫିକ୍ ଜାମ୍‌ରେ ଫସି ରହି ନାନାଦି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପୁରୀ ସହର ଲୋକାରଣ୍ୟ ହୋଇଯିବା ଫଳରେ ବାଧ୍ୟ ହୋଇ ଦୁଇଚକିଆ ଓ ଚାରିଚକିଆ ପାସ୍‌ଧାରୀମାନେ ମଧ୍ୟ ପ୍ରବେଶ ଅନୁମତି ପାଇ ନ ଥିଲେ। ଏପରିକି ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ମାଳତିପାଟପୁରଠାରେ ଗୋଟିଏ ଆମ୍ବୁଲାନ୍ସ ଯିବାକୁ ରାସ୍ତା ପାଇ ନ ଥିଲା। ସାଧାରଣ ଲୋକେ ବହୁ ଚେଷ୍ଟା କରିବା ପରେ ଆମ୍ବୁଲାନ୍ସଟି ଗହଳି ବାହାରକୁ ବାହାରିଥିଲା। ସେହିଭଳି କଣ୍ଟ୍ରୋଲ୍ ରୁମ୍ ସହ ଯୋଗାଯୋଗ କରିବା ସମ୍ଭବପର ହୋଇ ନ ଥିଲା। ପୁରୀରେ ୨୩ଟି ପାର୍କିଂ ଷ୍ଟାଣ୍ଡ ହୋଇଥିବା ବେଳେ ସବୁ ପାର୍କିଂ ଷ୍ଟାଣ୍ଡ ପୂର୍ଣ୍ଣ ହୋଇଯାଇଥିଲା। ସମୁଦ୍ରକୂଳ, ଭିଆଇପିରୋଡ୍ ଭଳି ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ଚାରିଚକିଆ ଓ ଦୁଇ ଚକିଆ ଯାନ ପାର୍କିଂ କରି ଯିବାକୁ ବାଧ୍ୟ ହୋଇଥିଲେ।

# ସୁନା ରଙ୍ଗର ଜରିରେ ଶ୍ରୀପତିତପାବନଙ୍କ ବେଶ

ନିମାପଡ଼ା,୧୦।୭(ଡି.ଏନ୍.ଏ.):



ନିମାପଡ଼ା ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀପତିତପାବନ ଦେବଙ୍କ ସୁନାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୀରେ ରଥାରୂଢ ଶ୍ରୀଜୀଉଙ୍କ ସୁନାବେଶରେ ସୁନା ଅଳଙ୍କାର ଲାଗି ହୋଇଥିବାବେଳେ ନିମାପଡ଼ାରେ ଶ୍ରୀପତିତପାବନଙ୍କ ସୁନାବେଶ ସୁନା ରଙ୍ଗର ଜରିରେ ହେଉଛି। ସକାଳୁ ଠାକୁରଙ୍କ ମହାସ୍ନାନ, ମଇଲମ, ଆଳତି, ଖେଚୁଡ଼ି, ମହାପ୍ରସାଦ ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହାପରେ ସୁନାବେଶ ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ସଂକୀର୍ତ୍ତନ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହେଉଥିଲା। ଶ୍ରୀପତିତପାବନଙ୍କ ଦର୍ଶନ ଲାଗି ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଗୋପ,୧୦।୭(ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅଞ୍ଚଳ ବପାଳ ଗ୍ରାମର ମଞ୍ଜୁ ନାୟକ(୫୬)ଙ୍କର ସାପ ଦଂଶନରେ ମୃତ୍ୟୁ ଘଟିଥିବା ଗୋପ ଡାକ୍ତରଖାନା ପକ୍ଷରୁ ଜଣାପଡିଛି। ସୂଚନା ମୁତାବକ, ରବିବାର ମଧ୍ୟାହ୍ନରେ ମଞ୍ଜୁ ଘରେ ଶୋଇଥିବାବେଳେ ତାଙ୍କୁ କୌଣସି ଏକ ବିଷାକ୍ତ ସାପ ଦଂଶନ କରିଥିଲା। ପରିବାର ଲୋକେ ମଞ୍ଜୁଙ୍କୁ ଗୋପ ଥାନା ଅନ୍ତର୍ଗତ ଦିହୁଡା ପୋଇତରା ଗ୍ରାମକୁ ଝଡାଫୁଙ୍କା ପାଇଁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗୋପ କୃଷ୍ଣ ପଟ୍ଟନାୟକ ମଞ୍ଜୁଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୋଲିସ ମଞ୍ଜୁଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ନିମାପଡ଼ା,୧୦।୭(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତର ଜଟେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଶନିବାର ମାଟ୍ରିକ୍ ମେଧାବୀମାନଙ୍କୁ ସମ୍ବର୍ଦ୍ଧନା ପୂର୍ବକ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଶଗଡା ପଞ୍ଚାୟତ ପକ୍ଷରୁ ଆୟୋଜିତ ଏହି ସଭାରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ତପନ ପ୍ରଧାନ, ନାଏବ ସରପଞ୍ଚ ପ୍ରଶାନ୍ତ ପ୍ରଧାନ, ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ସାହୁ, ସହକାରୀ ଶିକ୍ଷକ ଅକ୍ଷୟ ଦାସ ଏବଂ ସାଧନ କେନ୍ଦ୍ରର ସଂଯୋଜକ (ସିଆର୍‌ସିସି) ବନଜା ମହାନ୍ତି ପ୍ରମୁଖ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଥିଲେ। ସମାଜରେ ସମସ୍ତେ ଜଣେ ଜଣେ ଭଲ ମଣିଷ ହୁଅନ୍ତୁ। ଉତ୍ତମ ନାଗରିକ ହୋଇ ଭବିଷ୍ୟତରେ ଆମ ରାଜ୍ୟ ଓ ଦେଶର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତର ଖେଲାର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଶୁଭଶ୍ରୀ ପ୍ରତିହାରୀ, ଆଶୁତୋଷ ଖଟୋଇ, ଶୁଭଦର୍ଶିନୀ ସେଠୀ, ବଡ ମାଛପୁର ପଞ୍ଚାୟତ ବିଦ୍ୟାପୀଠର ଛାତ୍ରୀ ସୁଶ୍ରୀ ସଙ୍ଗୀତା ସେନାପତି, ଅଭିଜିତ୍ ପ୍ରଧାନ, ବିକାଶ ପ୍ରଧାନ, ପୁରୀ ଜିଲା ଟପ୍ପର ହୋଇଥିବା ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଆୟୁଷ ମିଶ୍ରଙ୍କ ସମେତ ୫୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଖାତା, କଲମ, ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା।

### ଅବସରପ୍ରାପ୍ତ କିରାଣିଙ୍କ ହୃଦ୍‌ଘାତରେ ମୃତ୍ୟୁ

ଅସ୍ତରଙ୍ଗ/କାକଟପୁର,୧୦।୭(ଡି.ଏନ୍.ଏ.): କାକଟପୁର ବ୍ଲକ ଅଧୀନ ଲତାହରଣ ଗ୍ରାମର ଗ୍ରାମେଶ୍ୱର ମନ୍ଦିର ପୂଜକ ତଥା ଇଷ୍ଟ ଇଣ୍ଡିଆ ଫାର୍ମାସ୍ୟୁଟିକାଲ କମ୍ପାନୀର ପୂର୍ବତନ କିରାଣି ମନମୋହନ ପଣ୍ଡା (୭୫)ଙ୍କର ଶନିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ବାସ ଭବନରେ ଥିବାବେଳେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସାନ ପୁଅ, ବୋହୂ ତାଙ୍କୁ ତୁରନ୍ତ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶ୍ମଶାନରେ ଦାହ କରାଯାଇଥିଲା। ବଡ଼ ପୁଅ ମାନସ ଏବଂ ସାନ ପୁଅ ମଳୟ ମୁଖାଗ୍ନି ଦେଇଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ



ପୁରୀ ବଡ଼ଦାଣ୍ଡରେ ରବିବାର ଅନୁଷ୍ଠିତ ଭଜନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କଳାକାର ।

## ଭଜନରେ ଝୁମିଲେ ଲକ୍ଷାଧିକ ଭକ୍ତ

ପୁରୀ ଅଫିସ,୧୦।୭

ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମତବ୍ୟକ୍ତ କରିଛନ୍ତି। ବଡ଼ଦାଣ୍ଡରେ ସୁନାବେଶ ଅବସରରେ ଭଜନ ସମାରୋହ ସମିତିର ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମକୁ ମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରବିବାର ଉଦ୍‌ଘାଟନ କରି କହିଥିଲେ ରୁଚିକର ଭଜନ ସୃଷ୍ଟିରେ ଏହି ଅନୁଷ୍ଠାନ ସ୍ମରଣ ରହିବ। ଅନୁଷ୍ଠାନ ସଭାପତି ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ମନୋଜ ଦାସମହାପାତ୍ରଙ୍କ ସମ୍ପାଦନାରେ ଅନୁଷ୍ଠିତ ଏହି ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଉତ୍କଳୀୟ ସଂସ୍କୃତିର ସୁରକ୍ଷା ପାଇଁ ପ୍ରତିଟି ଭକ୍ତ-ପର୍ଯ୍ୟଟକଙ୍କ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ପୁରୀ ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ମୁଖପତ୍ର ଓ ସୁନାବେଶ ଭଜନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଗୀତିକାର ତଥା ସାହିତ୍ୟିକ ଡ. ଉମେଶ ଜେନାଙ୍କୁ ଉତ୍କଳ ରତ୍ନ, ସ୍ୱର୍ଗତ ସୋମନାଥ ରାଜଗୁରୁଙ୍କୁ ମରଣୋତ୍ତର ଭାବେ ସାଲବେଗ ସମ୍ମାନ, ନୂଆଦିଲ୍ଲୀର କଣ୍ଠଶିଳ୍ପୀ ସୁରେଶ ସେଠୀ ଓ କୋଲକାତାର କଣ୍ଠଶିଳ୍ପୀ ରିମା ମିଶ୍ରଙ୍କୁ ସୁନାବେଶ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ କଣ୍ଠଶିଳ୍ପୀ ସୁରେଶ ସେଠୀ, ରିମା ମିଶ୍ର, ବୈଷ୍ଣବ କୈଳାସ, ବୃନ୍ଦାବନ ସାହୁ, ପ୍ରାଣକୃଷ୍ଣ ମହାପାତ୍ର ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିବାବେଳେ ସନ୍ତୋଷ ବେହେରା, ସନ୍ତୋଷ ବିଶ୍ୱାଳ, ଚନ୍ଦ୍ରଶେଖର ମଙ୍ଗରାଜ, ନୀଳାଦ୍ରି ମହାନ୍ତି ଓ ରବିନାରାୟଣ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଥାରୂଢ଼ ଠାକୁରଙ୍କୁ ଚୁଡ଼ାଘଷା ଭୋଗ

ପୁରୀ ଅଫିସ,୧୦।୭

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ମା ସୁଭଦ୍ରାଙ୍କ ସହ ନବଦିନ ଯାତ୍ରାରେ ଯାଇ ଆଡ଼ପମଣ୍ଡପରେ ବିଜେ କରିବା ପରେ ଆଷାଢ ଶୁକ୍ଳ ଦଶମୀ ତିଥିରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ମହାପ୍ରଭୁ ଏବେ ସିଂହଦ୍ୱାର ସମ୍ମୁଖରେ ରଥାରୂଢ ହୋଇରହିଛନ୍ତି। ହରିଶୟନ ଏକାଦଶୀ ଅବସରରେ ମହାପ୍ରଭୁଙ୍କ ରଥରେ ସୁନାବେଶ ହେବା ସହ ହରିଶୟନ ନୀତି ସମ୍ପନ୍ନ ହୋଇଛି। ତେବେ ରବିବାର ସକାଳେ ଅନେକ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚୁଡ଼ାଘଷା ଭୋଗ କରୁଥିବା ଦେଖିବାକୁ ମିଳିଥିଲା। ଦୂରରୁ ଆସିଥିବା ଭକ୍ତଙ୍କ ସମେତ ପୁରୀବାସୀ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚୁଡ଼ାଘଷା ଭୋଗ କରିଥିଲେ। ରଥ ନିକଟବର୍ତ୍ତୀ ଅଞ୍ଚଳରେ ଚୁଡ଼ାଘଷା ଭୋଗ କରିବା ପାଇଁ ବ୍ରାହ୍ମଣମାନେ ରହିଥିଲେ। ଚୁଡ଼ାଗୁଣ୍ଡ, ନଡିଆ, ଘିଅ, ଅଳେଇଚ, ଚିନି, ଗୁଡ ଓ ବିଭିନ୍ନ ପ୍ରକାର ମସଲା ମିଶାଇ ଚୁଡ଼ାଘଷା ପ୍ରସ୍ତୁତ କରାଯାଇଥିଲା। ପରେ ଚୁଡ଼ାଘଷାକୁ ତାଳପତ୍ର ଭୋଗେଇରେ ରଖି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଗ କରାଯାଇଥିଲା। ଆଷାଢ ମାସ ଶୁକ୍ଳ ପକ୍ଷ ଏକଦଶୀ ବଡ ଏକାଦଶୀ ଭାବେ ବିବେଚନା କରାଯାଏ । ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଚୁଡ଼ାଘଷା ଭୋଗ ଅର୍ପଣ କରି ଭକ୍ତମାନେ ଉକ୍ତ ଭୋଗକୁ ପ୍ରସାଦ ଭାବେ ନେଇଥିଲେ।

# ହରିଶୟନ ଏକାଦଶୀ ନୀତି ସମ୍ପନ୍ନ

## ୪ ମାସ ଯାଏ ଶୋଇବେ ଠାକୁର

ପୁରୀ ଅଫିସ,୧୦।୭

ଆଷାଢ ମାସ ଶୁକ୍ଳପକ୍ଷ ଏକାଦଶୀକୁ ହରିଶୟନ ଏକାଦଶୀ ବୋଲି କୁହାଯାଏ। ଏହି ଦିନଠାରୁ ଦୀର୍ଘ ଚାରି ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନି, ସାଧୁସନ୍ଥ, ମହାପୁରୁଷ, ସନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁର୍ମାସ୍ୟ ବ୍ରତ ପାଳନ କରନ୍ତି। ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭକାର୍ଯ୍ୟ କରାଯାଏନାହିଁ। ତେଣୁ ବିବାହ, ବ୍ରତଘର ଆଦି କାର୍ଯ୍ୟ ଏହି ଚାରିମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭକାର୍ଯ୍ୟ ହୋଇଥାଏ।

ଏକାଦଶୀ ଅବସରରେ ରଥରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ସୁନାବେଶ ମଇଲମ ହୋଇଥିଲା। ପରେ ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡସିଂହାର ଭୋଗ, ମଇଲମ ପରେ ଶୟନ ଠାକୁର ରଥ ଉପରକୁ ବିଜେ କରିଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ଶୟନ ଠାକୁର ତିନି ମୂର୍ତ୍ତି ସୁବର୍ଣ୍ଣ ପ୍ରତିମାଙ୍କୁ ରଥ ଉପରକୁ ଆଣିଥିଲେ। ତିନି ମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ବାସୁଦେବ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀନାରାୟଣଙ୍କୁ ବିଜେ କରାଯାଇଥିଲା। ଶୟନ ଠାକୁର ରଥାରୂଢ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ହେବା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସର୍ବାଙ୍ଗ, ନୂଆ ପଟନି ଲୁଗା ଓ ମାଳଫୁଲ ଲାଗି ନୀତି ସମ୍ପନ୍ନ ହୋଇଥିଲା। ପରେ ବଲ୍ଲଭ ବଡ଼ସିଂହାର ବେଶ ସମ୍ପନ୍ନ ହେବା ପରେ ପୂଜାପଣ୍ଡା ସାମନ୍ତମାନଙ୍କ ଦ୍ୱାରା ଷୋଡଶ ଉପଚାରରେ ବଲ୍ଲଭ ବଡ଼ସିଂହାର ଭୋଗ ପୂଜା ସମ୍ପନ୍ନ ପରେ ହରିଶୟନ ନୀତି ହୋଇଥିଲା। ଶୟନ ଠାକୁରମାନଙ୍କୁ ହାତରେ ବିଜେ କରାଇ ପୂଜାପଣ୍ଡା ସାମନ୍ତ ଭଣ୍ଡାର ଦୁଆର ନିକଟକୁ ନେଇଥିଲେ। ଭଣ୍ଡାର ଦୁଆରେ ବିଧି ମୁତାବକ ଶୟନ ନୀତି ଅନୁଷ୍ଠିତ ହୋଇଥାଏ। କୋଠ ସୁଆଁସିଆ ଦେଇଥିବା ତାଟ ପେଡ଼ି, ଦର୍ଜିଙ୍କ ଶେଯ ଓ ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଇଥିଲା। ମୁଦିରଥ ପ୍ରସାଦଲାଗି କରିବା ସହ ପୁଷ୍ପାଞ୍ଜଳି, କର୍ପୂର ଆଳତି ସଞ୍ଜ ଆଳତି ଓ ବନ୍ଦାପନା ଆଦି କରିଥିଲେ। ପରେ ପେଡ଼ିକୁ ବନ୍ଦ କରାଯିବ। ପରେ ସମସ୍ତେ ଆସିବା ପରେ ଶୟନ ଘରକୁ ବନ୍ଦ କରାଯାଇଥିଲା। ହରିଶୟନ ନୀତି ପରେ ଆଷାଢ ଦ୍ୱାଦଶୀ ତିଥିରେ ଗରୁଡ଼ ଶୟନ ନୀତି ଅନୁଷ୍ଠିତ ହେବ।

# 'ଗଛ ଲଗାଅ ଜୀବନ ବଞ୍ଚାଅ'

ଡେଲାଙ୍ଗ,୧୦।୭(ଡି.ଏ.ଏ.):

ପ୍ଲାଣ୍ଟେଶନ କ୍ଲବର ପୁରୀ ଜିଲା ପିପିଲି ଶାଖା ପକ୍ଷରୁ 'ଗଛ ଲଗାଅ ଜୀବନ ବଞ୍ଚାଅ', ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ଜନ୍ମେଜୟ ଜେନାଙ୍କ ନେତୃତ୍ୱରେ ଅରିସଲ ପଞ୍ଚାୟତ ଖଣ୍ଡିମଙ୍ଗଳପୁର ଉଚ୍ଚ ବିଦ୍ୟାଳୟ ଓ ଖେଲାଉର ପଞ୍ଚାୟତର ଖେଲେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଚାରାରୋପଣ ହୋଇଥିଲା। ଏଥିସହ ସଂଗଠନ ପକ୍ଷରୁ ୨ ପଞ୍ଚାୟତର ଶତାଧିକ ଲୋକଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଛି। ଚାରାଗୁଡ଼ିକୁ ଉଚିତ୍ ସ୍ଥାନରେ ରୋପଣ କରିବା ସହ ତାକୁ ନିଜ ସନ୍ତାନ ଭଳି ଯତ୍ନ ନେବାକୁ ଆବାହକଙ୍କ ସମେତ ବୃକ୍ଷ ବନ୍ଧୁ ଚନ୍ଦ୍ରଶେଖର ପଣ୍ଡା ନିବେଦନ କରିଥିଲେ। ସାମାଜିକ କର୍ମୀ ରାଧାମୋହନ, ଦେବାଶିଷ ଦୀକ୍ଷିତ, ସୁକାନ୍ତ ସ୍ୱାଇଁ, ସଦାଶିବ ପରିଡା, ଭିକାରୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ୩ ସ୍କୁଟି ଆରୋହୀ ଗୁରୁତର

ନିମାପଡ଼ା,୧୦।୭(ଡି.ଏନ୍.ଏ.):

ନିମାପଡ଼ା ପେଟାଘାଇ ଛକ ମହିମା ମୋଟର୍ସ ନିକଟରେ ରବିବାର କାର୍ ଧକ୍କାରେ ୩ ଜଣ ସ୍କୁଟିଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ କଣ୍ଟିଲୋ ଗ୍ରାମର ଦିନେଶ ମଲ୍ଲିକ(୨୮), ସତ୍ୟବ୍ରତ ମଲ୍ଲିକ(୨୧), ମନୋଜ ମଲ୍ଲିକ୍ (୧୬)। ସ୍ଥାନୀୟ ଲୋକେ ସେମାନଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏକ ବାହାଘର ଭୋଜିରେ ଯୋଗ ଦେବାକୁ ୩ ଜଣ ଏକ ସ୍କୁଟିରେ କଣ୍ଟିଲୋ ଗ୍ରାମରୁ ଜଟଣୀ ଅଞ୍ଚଳକୁ ଯାଉଥିଲେ। ସେହି ସମୟରେ ପିପିଲି ପଟୁ ନିମାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସ୍କୁଟିକୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଦୁର୍ଘଟଣା ସ୍ଥାନରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍ ସହ ସ୍କୁଟିକୁ ଜବତ କରିଥିଲା। ଏଥିସହ କାର୍ ଚାଳକ ବାଲିପାଟଣା ଥାନା ଅନ୍ତର୍ଗତ ସାନପାଳସାହି ଗ୍ରାମର ଉମାକାନ୍ତ ପାଲଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଆହତ ଦିନେଶଙ୍କ ବାପା ଫକୀର ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି।

# ବିବାଦରୁ ରାସ୍ତାରେ ବାଉଁଶ ବାଡ଼

## ୨୧ ଦିନ ଧରି ଦଳିତ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ

ଗୋପ,୧୦।୭(ଡି.ଏନ୍.ଏ.):

ଗୋପ ଥାନା ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ୬ ନମ୍ବର ୱାର୍ଡରେ ଦୀର୍ଘଦିନ ଧରି ଯାଆଆସ କରୁଥିବା ଭୁରୁଭୁରା ଦଳିତ ସାହି ଗ୍ରାମରେ ୪ ଜଣ ଜମି ମାଲିକ ବାଉଁଶ ବାଡ଼ ପକାଇଥିବା ଅଭିଯୋଗ ହୋଇଆସୁଛି। ଗ୍ରାମରେ ରହୁଥିବା ୨୫ରୁ ଊର୍ଦ୍ଧ୍ୱ ଦଳିତ ପରିବାର ଏବେ ବନ୍ଦୀ ଜୀବନ ବିତାଉଥିବାବେଳେ ୧୭ଜଣ ଛାତ୍ରୀଛାତ୍ର ଦୀର୍ଘ ୨୧ ଦିନ ଧରି ପାଠପଢାରୁ ବଞ୍ଚିତ ରହିଛନ୍ତି।

ସୂଚନା ମୁତାବକ, ଗ୍ରାମରେ ବସବାସ କରୁଥିବା ଏହି ଦଳିତ ପରିବାରର ସଦସ୍ୟ ଦୀର୍ଘବର୍ଷ ଧରି ଘର ସମ୍ମୁଖ ରାସ୍ତାରେ ଯିବାଆସିବା କରୁଥିଲେ। ତେବେ ଜୁନ୍ ୧୯ରେ ଉକ୍ତ ଗ୍ରାମର ୪ ଜଣ ସେହି ରାସ୍ତାକୁ ନିଜ ଜମି କହି ସେଠାରେ ବାଉଁଶ ବାଡ଼ ପକାଇ ଦେଇଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଏପରି ଅଭିଯୋଗ ସମ୍ପର୍କରେ ଜାଣିବା ପରେ ଗୋପ ତହସିଲଦାର ଏସ୍‌କେ ସାର୍ଗି,



ରାସ୍ତାରେ ବାଡ଼ ପଡ଼ିଥିବାରୁ ଛାତ୍ରୀଛାତ୍ର ଅଟକି ରହିଛନ୍ତି ।

ଅତିରିକ୍ତ ତହସିଲଦାର ଶରତ ପରିଡ଼ା ଜୁନ ୨୩ରେ ଘଟଣା ସ୍ଥଳରେ ପହଞ୍ଚି ନୟାହାଟ ଫାଣ୍ଡି ଅଧିକାରୀ ବାବୁନି ପ୍ରଧାନଙ୍କୁ ତୁରନ୍ତ ବାଡ଼ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମ୍ପୃକ୍ତ ଫାଣ୍ଡି ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ବାଉଁଶ ବାଡ଼ ନ ଉଠିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜୁନ ୨୬ରେ ଗୋପ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଅତିରିକ୍ତ ତହସିଲଦାର ତୁରନ୍ତ ବାଡ଼ ଉଠାଯିବା ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ମାତ୍ର ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାବେଳେ ଦଳିତ ପରିବାର ଏବେ ବନ୍ଦୀ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ଗ୍ରାମରେ ବାଉଁଶ ବାଡ଼ ପଡିଥିବାରୁ ୧୭ ଜଣ ଛାତ୍ରୀଛାତ୍ର ଏବେ ଦୀର୍ଘ ୨୧ ଦିନ ଧରି ପାଠପଢାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ସ୍କୁଲ ସମୟରେ ଛାତ୍ରୀଛାତ୍ର ବାଡ଼ ସେପଟେ ସ୍କୁଲ ପୋଷାକ ପିନ୍ଧି ଠିଆ ହେଉଥିବା ଫଟୋ ଏବେ ଦେଖିବାକୁ ମିଳିଛି। ସମସ୍ତ ୧୭ ଜଣ ଛାତ୍ରୀଛାତ୍ର ଅଙ୍ଗନୱାଡ଼ିରେ ଅଧ୍ୟୟନ କରୁଥିବା ଜଣାପଡିଛି। ଏ ସମ୍ପର୍କରେ ଗୋପ ତହସିଲଦାର ଏସ୍‌କେ ସାର୍ଗିଙ୍କୁ ପଚାରିବାରେ, ବାଡ଼ ପଡିଥିବା ଜମିଟି ବ୍ୟକ୍ତିଗତ ଜମି ଅଟେ। ଖୁବ୍‌ଶୀଘ୍ର ସେମାନଙ୍କ ସହିତ ଆପୋସ ସମାଧାନ କରାଯିବ। ସେତେବେଳ ପର୍ଯ୍ୟନ୍ତ ଦଳିତ ପରିବାରକୁ ଯିବା ପାଇଁ ଏକ ସରୁ ରାସ୍ତା ଦିଆଯାଇଥିବା ସେ କହିଛନ୍ତି।



ନୀତିକାନ୍ତି ପାଇଁ ମହାପ୍ରଭୁଙ୍କ ସେବାରେ ସେବାୟତମାନେ ଫୁଲମାଳ ନେଉଛନ୍ତି ।



ସୁନାବେଶ ଅବସରରେ ପଦ୍ମ ବିଭୂଷଣ ଜଗଦ୍‌ଗୁରୁ ସ୍ୱାମୀ ରାମଭଦ୍ରାଚାର୍ଯ୍ୟ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।



ମହାପ୍ରଭୁଙ୍କ ସୁନାବେଶ ଦେଖି ବିଦେଶୀ ଭକ୍ତମାନେ ଭାବବିହ୍ୱଳ ହେଉଛନ୍ତି ।

# ସୁନାବେଶରେ ଝଟକିଲେ ଶ୍ରୀଜୀଉ

**ଖୋର୍ଦ୍ଧା ଅଫିସ,୧୦।୭**

ଖୋର୍ଦ୍ଧା ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ) ଦେବ ରଥରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜୀଉଙ୍କୁ ରୁପାରେ ସୁନାଛାଉଣି ସୁନା ମୁକୁଟ, କିରୀଟ, କୁଣ୍ଡଳ, ହାର, ବାଜୁ ଆଦି ଲାଗି କରାଯାଇଛି। ରଥାରୂଢ଼ ଠାକୁରମାନଙ୍କ ସୁନାବେଶ ଦର୍ଶନରେ ଭକ୍ତ ବିଭୋର ହୋଇଉଠିଥିଲେ। ଦୀର୍ଘ ଦୁଇବର୍ଷ ପରେ ଶ୍ରୀଜୀଉଙ୍କ ସୁନାବେଶ ହେଉଥିବାରୁ ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରବିବାର ଭୋର୍ ୫ଟାରେ ରଥାରୂଢ଼ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ହୋଇଥିଲା। ମଇଲମ, ତଡ଼ପ ଲାଗି, ଅବକାଶ, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ପରେ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କ ସୁନାବେଶ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ବେଶ କରାଯାଇ ସୁନାଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟା ୬ଟାରେ ମହାପ୍ରଭୁଙ୍କ ସନ୍ଧ୍ୟାଆଳତି ହୋଇଥିଲା। ଧାଡ଼ିରେ ଆସି ମହିଳା, ପୁରୁଷ ଭକ୍ତମାନେ ରଥାରୂଢ ଠାକୁରଙ୍କ ଦର୍ଶନ ସହ ଭକ୍ତିନୈବେଦ୍ୟ ଅର୍ପଣ କରି ଫେରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏସ୍‌ଡିପିଓ(ସଦର) ସୁଶୀଲ ମିଶ୍ର କୁହନ୍ତି, ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ଶୃଙ୍ଖଳାରେ ଶେଷ ହୋଇଛି। ସୁନାବେଶ ଦର୍ଶନ ମଧ୍ୟ ଶୃଙ୍ଖଳିତ ଭାବେ ଚାଲିଛି। ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ମୁତୟନ କରାଯାଇଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି ସୁନାବେଶରେ ଦର୍ଶନ ଦେଇଛନ୍ତି। ଅପରାହ୍ନ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରି ଆତ୍ମବିଭୋର ହୋଇଉଠିଥିଲେ। ରବିବାର ଭୋର ସମୟରେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତି କରାଯାଇ ଗୋପାଳ ବଲ୍ଲଭ ଲାଗି ହୋଇ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ ସୁନାବେଶ ଆରମ୍ଭ ହୋଇ ୪ଟା ସୁଦ୍ଧା ଠାକୁରମାନଙ୍କୁ ସୁନା ଛାଉଣିଦିଆ ମୁକୁଟ, କିରୀଟ, କୁଣ୍ଡଳ, ହାର ଲାଗି ରହିଥିଲା। ସୁନାବେଶରେ ଝଟକୁଥିଲେ ଶ୍ରୀଜୀଉ। ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀଙ୍କ ଭକ୍ତିସଙ୍ଗୀତରେ ଶ୍ରଦ୍ଧାଳୁ ବିମୋହିତ ହୋଇପଡ଼ିଥିଲେ। ଗୋପାଳ କୃଷ୍ଣ ଦାସ, ଜଗବନ୍ଧୁ ପଟ୍ଟନାୟକ, ରମେଶ ମହାନ୍ତି, ଗୋପୀନାଥ ଦାସ, ଆଇନଜୀବୀ ଅଜିତ ପଟ୍ଟନାୟକ, ଶୁଭ୍ରଜିତ୍ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।



ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ସୁନାବେଶ।



ଦଧିମାଛଗାଡ଼ିଆଠାରେ ମହାପ୍ରଭୁଙ୍କ ସୁନାବେଶ।



**ବୋଲଗଡ଼:** ତୃତୀୟାଦେବଙ୍କ ମନ୍ଦିର ସମ୍ମୁଖରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ।

## ସଂକ୍ଷେପରେ

### ରାସ୍ତାପାର୍ଶ୍ୱକୁ ଖସିଲା ପିକ୍‌ଅପ୍ ଭ୍ୟାନ୍



**ନିରାକାରପୁର,୧୦।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସମ୍ମୁଖରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଫଳରେ ଏଥିରେ ଥିବା ଯାତ୍ରୀଙ୍କ ସମେତ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରି ଅନ୍ୟ ଗାଡ଼ିରେ ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ଏକ ପିକ୍‌ଅପ୍ ଭ୍ୟାନ୍(ଓଡି୦୭-ଏକ୍ସ-୯୬୮୬) କେତେଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଜଙ୍କିଆ ଥାନା ଆଗରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା।

### ଗୋ'ମାତାଙ୍କ ସୁରକ୍ଷା ନେଇ ସଚେତନତା ସଭା

**ବେଗୁନିଆ,୧୦।୭(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମରେ ରବିବାର ଆମ୍ ଆଦ୍‌ମୀ ପାର୍ଟି ଆନୁକୂଲ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋମାତାଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଧର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଆମ୍ ଆଦ୍‌ମୀ ପାର୍ଟିର ଖୋର୍ଦ୍ଧା ଜିଲା ସଭାପତି ଶୁଭାଶିଷ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପାର୍ଟିର ବେଗୁନିଆ ବ୍ଲକ ସଭାପତି କଳ୍ପତରୁ ପଣ୍ଡା ବକ୍ତା ଭାବେ ଯୋଗଦେଇଥିଲେ। ଗୋ ମାତାଙ୍କ ଲାଳନପାଳନ ଓ ସୁରକ୍ଷା ବ୍ୟବସ୍ଥାରେ ଦୀର୍ଘ ୨୫ ବର୍ଷ ପୂର୍ବେ ଓଡ଼ିଶାବାସୀଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଥିଲା। ଅନେକ ସମସ୍ୟା ଯୋଗୁ ସମୟାନୁକ୍ରମେ ଏବେ ଗୋମାତାଙ୍କ ସୁରକ୍ଷା ଭୁଲିଯାଇଛେ। ଏପରି କି ଦୈନିକ ଅନ୍ୟ ରାଜ୍ୟକୁ ଗୋ ଚାଲାଣ ଅଭିଯୋଗ ଓଡ଼ିଶା ଆଗରେ ରହିଛି ବାଲି ଅତିଥି ସ୍ୱାଇଁ କହିଥିଲେ। ଆବଶ୍ୟକ କର୍ମଚାରୀ ନ ଥିବାରୁ ଅନେକ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତାଲା ଝୁଲୁଛି ବୋଲି ଅତିଥି ପଣ୍ଡା ମତବ୍ୟକ୍ତ କରିଥିଲେ। ତେବେ ଗୋମାତାଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଉଚିତ୍ ପଦକ୍ଷେପ ନିଅନ୍ତୁ। ସାମାଜିକ କର୍ମୀ ସୋମନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋମନାଥ ବିଶୋୟୀ ଧନ୍ୟବାଦ ଦେଇଥିଲେ।

### ମାତୃ କୃପାଭିକ୍ଷା ଯଜ୍ଞ, ନୂତନ ଯଜ୍ଞମଣ୍ଡପ ପ୍ରତିଷ୍ଠା

**ବୋଲଗଡ଼,୧୦।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମର ଇଷ୍ଟଦେବ ଅମୃତେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଗୁରୁବାରଠାରୁ ଚାଲିଥିବା ବିଶ୍ୱଶାନ୍ତି ମାତୃ କୃପାଭିକ୍ଷା ଯଜ୍ଞର ରବିବାର ପୂର୍ଣ୍ଣାହୁତି ପ୍ରଦାନ ସହ ସମାପନ ହୋଇଛି। ଏହି ଅବସରରେ ଏଠାରେ ଏକ ନୂତନ ଯଜ୍ଞମଣ୍ଡପ ପ୍ରତିଷ୍ଠା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଯଜ୍ଞାନୁଷ୍ଠାନର ବିଭିନ୍ନ ଦିବସରେ ଅଙ୍କୁରାରୋପଣ, ମଣ୍ଡଳ କରଣ, କଳସାଧିବାସ, ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ, ରାମଚଣ୍ଡୀଙ୍କ ଉପଚାର ପୂଜା, ଚଣ୍ଡୀପାଠ, ଅମୃତେଶ୍ୱର ଦେବଙ୍କ ରୁଦ୍ରାଭିଷେକ, ଭଗବତ ବାସୁଦେବଙ୍କ ଉପଚାର ପୂଜା ଆଦି ସହ ପ୍ରତ୍ୟହ ସୂର୍ଯ୍ୟପୂଜା, ଧେନୁପୂଜା, ଗୀତା ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବ୍ରାହ୍ମଣ ଯୋଗେନ୍ଦ୍ର ମିଶ୍ର, ବିଜୟ ତ୍ରିପାଠୀ, ଫକୀର ମିଶ୍ର ପ୍ରମୁଖ ରୀତିନୀତି ଅନୁଯାୟୀ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଶିକ୍ଷାବିତ୍ ଗୁଣନିଧି ହୋତା ସହଧର୍ମିଣୀଙ୍କ ସହ ଯଜ୍ଞ ଦାୟିତ୍ୱ ତୁଲାଇଥିଲେ।

### ସାପ କାମୁଡାରେ ମହିଳା ମୃତ

**ଗୋପ,୧୦।୭(ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଅଞ୍ଚଳ ବପାଳ ଗ୍ରାମର ମଞ୍ଜୁ ନାୟକ(୫୬)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ରବିବାର ମଧ୍ୟାହ୍ନରେ ମଞ୍ଜୁ ଘରେ ଶୋଇଥିବାବେଳେ ତାଙ୍କୁ କୌଣସି ଏକ ବିଷାକ୍ତ ସାପ ଦଂଶନ କରିଥିଲା। ପରିବାର ଲୋକେ ମଞ୍ଜୁଙ୍କୁ ଗୋପ ଥାନା ଅନ୍ତର୍ଗତ ଦିହୁଡା ପୋଇତରା ଗ୍ରାମକୁ ଝଡାଫୁଙ୍କା ପାଇଁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗୋପ କୃଷ୍ଣ ପଟ୍ଟନାୟକ ମଞ୍ଜୁଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୋଲିସ ମଞ୍ଜୁଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି।



**ପୁରୀ:** ପଦ୍ମବିଭୂଷଣ ଜଗଦ୍‌ଗୁରୁ ସ୍ୱାମୀ ରାମଭଦ୍ରାଚାର୍ଯ୍ୟ ରବିବାର ରଥରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ଅପରାଧ ରୋକିବାକୁ ଜେଲରେ ପରେଡ୍

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

- ୭ ଦିନରେ ଜେଲକୁ ଆସିଥିବା ଅଭିଯୁକ୍ତଙ୍କ ତଥ୍ୟ ସଂଗ୍ରହ
- ପ୍ରତ୍ୟେକ ରବିବାର ହେବ ପରେଡ୍

ରାଜଧାନୀରେ ପୂର୍ବାପେକ୍ଷା ଅପରାଧ ବଢ଼ି ଚାଲିଛି। ବିଭିନ୍ନ ମାମଲାରେ ଅଭିଯୁକ୍ତମାନେ ଗିରଫ ହୋଇ ଜେଲ ଯାଉଛନ୍ତି। ତେବେ କିଛି ଦିନ ପରେ ସେମାନେ ଜାମିନରେ ଆସି ପୁଣି ଅପରାଧ ଘଟାଉଛନ୍ତି। ଅଭ୍ୟାସଗତ ଅପରାଧୀମାନେ ବାରମ୍ବାର ଆତଙ୍କ ଖେଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କଡ଼ା ନଜର ରଖିବା ସହ ଅପରାଧ ରୋକିବାକୁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ (ୟୁପିଡି) ପୁଣି ପୁରୁଣା କାର୍ଯ୍ୟଧାରାକୁ ଆପଣାଇଛି। ପୋଲିସ ରବିବାର ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ପରେଡ୍ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ୍ ଯାଇ ଅଭ୍ୟାସଗତ ଅପରାଧୀଙ୍କ ତଥ୍ୟ ସଂଗ୍ରହ କରିଛନ୍ତି। ଉକ୍ତ ତଥ୍ୟ ଆଧାରରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଯୋଜନା କରିଛି। ପ୍ରତ୍ୟେକ ରବିବାର ଜେଲରେ ଏଭଳି ପରେଡ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅପରାଧୀଙ୍କୁ ବାଟକୁ ଆଣିବାକୁ କମିଶନରେଟ୍ ପୋଲିସ ପୂର୍ବରୁ ଏହି ପଦକ୍ଷେପ ଗ୍ରହଣ କରିଥିଲା। ଏବେ ପୁଣି ଅପରାଧ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପୋଲିସ ଏହା ଆରମ୍ଭ କରିଛି। ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀ, ଶହୀଦନଗର ଥାନାଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କ ସମେତ ଏକ ପୋଲିସ ଟିମ୍ ଝାରପଡ଼ା ଜେଲ୍ ଯାଇଥିଲେ। ଗତ ୭ଦିନ ମଧ୍ୟରେ ଗିରଫ ହୋଇ ଜେଲ ଆସିଥିବା, ଏକାଧିକ ମାମଲାରେ ସମ୍ପୃକ୍ତ ଥିବା, ଅଭ୍ୟାସଗତ ଅପରାଧୀଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଜେଲ୍ କର୍ତ୍ତୃପକ୍ଷଙ୍କଠାରୁ ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିଛନ୍ତି। ଗତ ୭ଦିନ ମଧ୍ୟରେ କେଉଁ କଏଦୀମାନେ ଜାମିନ୍‌ରେ ବାହାରକୁ ଆସିଛନ୍ତି, ଜାମିନ୍‌ରେ ଆସି ପୁଣି ଅପରାଧ ଘଟାଇଛନ୍ତି, ଥାନାଧିକାରୀମାନେ କାହାକୁ କେଉଁ ମାମଲାରେ ଗିରଫ କରିଥିଲେ, ସମ୍ପୃକ୍ତ ଅଭିଯୁକ୍ତ ଜେଲରେ ଅଛନ୍ତି କି ନାହାନ୍ତି, କେଉଁମାନେ ତାଙ୍କୁ ଦେଖା କରିବାକୁ ଆସୁଛନ୍ତି, ଅପରାଧୀଙ୍କ ଆଚରଣ କେମିତି ରହିଛି, କିଏ କେତେ ମାମଲାରେ ସମ୍ପୃକ୍ତ ପ୍ରଭୃତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ସମ୍ପୃକ୍ତ କଏଦୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ଅଣାଯାଇଛି। ପୋଲିସ ମାନୁଆଲ ଅନୁଯାୟୀ, ଜେଲରେ ରହୁଥିବା ଅଭିଯୁକ୍ତଙ୍କ ଉପରେ ଥାନାଧିକାରୀ ନଜର ରଖିବାର ନିୟମ ରହିଛି। ବିଶେଷକରି ଚୋରି, ଲୁଟ୍, ଡକାୟତି ଭଳି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରିଛି। ଏହି ପରେଡ୍ ଦ୍ୱାରା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପୋଲିସ ନଜର ରଖିବ।

## କାର୍ ଧକ୍କାରେ ୩ ଗୁରୁତର

**ନିମାପଡ଼ା,୧୦।୭(ଡି.ଏନ୍.ଏ.)**

ନିମାପଡ଼ା ପେଟାଘାଇ ଛକ ମହିମା ମୋଟର୍ସ ନିକଟରେ ରବିବାର କାର୍ ଧକ୍କାରେ ୩ ଜଣ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ କଣ୍ଟିଲୋ ଗ୍ରାମର ଦିନେଶ ମଲ୍ଲିକ, ସତ୍ୟବ୍ରତ ମଲ୍ଲିକ, ମନୋଜ ମଲ୍ଲିକ। ସ୍ଥାନୀୟ ଲୋକେ ସେମାନଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏକ ବାହାଘର ଭୋଜିରେ ଯୋଗ ଦେବାକୁ ୩ ଜଣ ଏକ ସ୍କୁଟିରେ କଣ୍ଟିଲୋ ଗ୍ରାମରୁ ଜଟଣୀ ଅଞ୍ଚଳକୁ ଯାଉଥିଲେ। ସେହି ସମୟରେ ପିପିଲି ପଟୁ ନିମାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସ୍କୁଟିକୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଦୁର୍ଘଟଣା ସ୍ଥାନରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍ ସହ ସ୍କୁଟିକୁ ଜବତ କରିଥିଲା। ଏଥିସହ କାର୍ ଚାଳକ ବାଲିପାଟଣା ଥାନା ଅନ୍ତର୍ଗତ ସାନପାଳସାହି ଗ୍ରାମର ଉମାକାନ୍ତ ପାଲଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

## 'ଦୁର୍ନୀତି ନିବାରଣରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ଦୁର୍ନୀତି ନିବାରଣ ସାମାଜିକ ଅନୁଷ୍ଠାନ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା, ଓଡ଼ିଶା ରାଜ୍ୟଶାଖା ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଜାତୀୟ ସମ୍ପାଦକ ଡ.ବିପିନ ବିହାରୀ ମିଶ୍ର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସ୍ଥାର ରାଜ୍ୟ ଉପସଭାପତି ଡ. ଶିବପ୍ରସାଦ ବେହେରା ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକାୟୁକ୍ତଙ୍କ ନ୍ୟାୟିକ ସଦସ୍ୟ ଜଷ୍ଟିସ ବିଜୟ କୁମାର ନାୟକ ଯୋଗଦେଇଥିଲେ। ଦୁର୍ନୀତିର ବ୍ୟାପକତାକୁ ସଙ୍କୁଚିତ କରିବାରେ ସାମାଜିକ ଅନୁଷ୍ଠାନ ମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପୋଲିସ୍ ମହାନିର୍ଦ୍ଦେଶକ ପ୍ରାଣବିନ୍ଦୁ ଆଚାର୍ଯ୍ୟ କହିଥିଲେ।

## ୧୪ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### ବୋଲଗଡ଼ ବ୍ଲକ୍ ସମବାୟ ନିର୍ବାଚନ

**ବୋଲଗଡ଼,୧୦।୭(ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବୋଲଗଡ଼ ଶାଖା ଅଧୀନ ୨୨ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ପରିଚାଳନା ପରିଷଦ ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତନ୍ମଧ୍ୟରୁ ୨୦ ସମବାୟ ସମିତି ମଧ୍ୟରୁ ୧୪ଟିରେ ସଭାପତିମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ୬ଟିରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଡାବରଧୁଆଁ ପାଟଣା ସେବା ସମବାୟ ପାଇଁ ୭ ତାରିଖରେ ନାମାଙ୍କନପତ୍ର ଦାଖଲ ହୋଇଥିବା ବେଳେ ଆସନ୍ତା ୧୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଯୋଗୀନାଥ ଶ୍ରୀଚନ୍ଦନ ଓ ପ୍ରସନ୍ନ କୁମାର ପ୍ରଧାନ ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ଅନୁରୂପ ଭାବେ ଶ୍ରୀଚନ୍ଦନପୁର ସେବା ସମବାୟ ସମିତିରେ ନିର୍ବାଚନ ପ୍ରକ୍ରିୟାକରଣ ବେଳେ ପ୍ରକାଶିତ ଭୋଟର ତାଲିକାରେ ତ୍ରୁଟି ନେଇ ଅଭିଯୋଗ ଓ ଆନ୍ଦୋଳନ ପରେ ନିର୍ବାଚନ ସ୍ଥଗିତ ରହିଥିଲା। ଏହି ସମିତିରେ ପୁନଃ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୋମବାର ନାମାଙ୍କନପତ୍ର ଦାଖଲ ଏବଂ ୨୪ ତାରିଖରେ ନିର୍ବାଚନ ହେବ ବୋଲି ସୂଚନା ମିଳିଛି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସଭାପତିମାନେ ହେଲେ ସାଲତରାରେ ସଦାଶିବ ପାଣିଗ୍ରାହୀ, କାଦୁଆପଡ଼ାରେ ଶରତ କୁମାର ହୋତା, ବଡ଼କୁମାରୀରେ ପ୍ରଫୁଲ୍ଲ କୁମାର ପ୍ରଧାନ, ଗୋବର୍ଦ୍ଧନପୁରରେ ଲକ୍ଷ୍ମୀଧର ପାତ୍ର, ମାଣିକାଗୋଡ଼ାରେ ଗୋପାଳ ପ୍ରଧାନ, କମଳଲୋଚନପୁରରେ ପ୍ରସନ୍ନ ମହାପାତ୍ର, ଘୋରଡ଼ିଆରେ ଶିବରାମ ଦାସ, ଅସରଳାରେ ରଞ୍ଜନ ଖଟେଇ, ଡିହଖଉରୁଣିରେ ବେଲାଳସେନ ବଳିୟାରସିଂହ, ପିତୁକୁଳିରେ ପବିତ୍ର ମୋହନ ମାଝି, ଖଣତିରେ ଅତୁଲ୍ୟ କୁମାର ଗଡବାଡ, ଦେଉଳିରେ ବିଜୟ କୁମାର ସାହୁ, ଆରିକମାରେ ଶରତ କୁମାର ପରିଡ଼ା, ବୋଲଗଡ଼ରେ ସୌରାଂଶ ପରିଡ଼ା ଏବଂ ନିର୍ବାଚନ ମାଧ୍ୟମରେ ଫାସିଓଦାରେ ବାସୁଦେବ ସାମନ୍ତରାୟ, ଅରଖପଲ୍ଲୀରେ ଗୀତାଞ୍ଜଳି ମହାନ୍ତି, ସଂପୁରରେ ଭଗବାନ ସ୍ୱାଇଁ, ସାଗରଗାଁରେ କୃଷ୍ଣଚନ୍ଦ୍ର ବାରିକ, ଗର୍ଭିଣୀପଡାରେ ସଞ୍ଜୟ କୁମାର ବିଶ୍ୱାଳ, ଧଳାପଥରରେ ସନ୍ତୋଷ କୁମାର ତ୍ରିପାଠୀ ବିଜୟୀ ହୋଇଛନ୍ତି।




ଭୁବନେଶ୍ୱରସ୍ଥିତ ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ଅନୁଷ୍ଠିତ ଇଣ୍ଡିଆନ୍ ଆଇଡଲ ଅଡିସନ୍‌ରେ ଭାଗନେବାକୁ ଆସିଥିବା ପ୍ରତିଯୋଗୀ।

## ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ, ରୋଗୀ ହଇରାଣ




ବନ୍ଦ ହୋଇଥିବା ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ନିରାକାରପୁର,୧୦।୭(ଡି.ଏନ୍.ଏ.)**

ଶ୍ରୀକ୍ଷେତ୍ର ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ତେବେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଶ୍ରଦ୍ଧାଳୁମାନେ ନୂଆ ଜଗନ୍ନାଥ ସଡ଼କରେ ନିରାକାରପୁର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥାନ୍ତି। କେତେଜଣ ଶ୍ରଦ୍ଧାଳୁ ରଣପୁରରୁ ପୁରୀକୁ ଯିବା ବେଳେ ରାମେଶ୍ୱର ଏବଂ ନିରାକାରପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାରେ ଆହତ ହୋଇ ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ହେଲେ ଏଠାକାର ମେଡିକାଲ ବନ୍ଦ ଥିବାରୁ ଚିକିତ୍ସିତ ହୋଇ ନ ପାରି ରୋଗୀମାନେ ହଇରାଣ ହୋଇଥିଲେ। ଅନ୍ୟପକ୍ଷରେ ସରକାରୀ ଡାକ୍ତରଖାନା ବନ୍ଦ ରହିଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଟାଙ୍ଗୀ ମେଡିକାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ମଲ୍ଲିକ କୁହନ୍ତି, ନିରାକାରପୁର ମେଡିକାଲ କ'ଣ ପାଇଁ ବନ୍ଦ ରହିଥିଲା ଜାଣିନାହିଁ। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପୁରୀ ଜିଲା କଣାସ ଡାକ୍ତରଖାନାକୁ ପଠାଇ ଦିଅନ୍ତୁ ବୋଲି ସେ କହିଥିଲେ।

## ରାସ୍ତାକୁ ଗୋରୁ ଛାଡ଼ିଲେ ଗଣିବେ ଜରିମାନା

**ଭୁବନେଶ୍ୱର, ୧୦।୭ (ବ୍ୟୁରୋ)**

- ଖୁବ୍‌ଶୀଘ୍ର ନିର୍ମାଣ ହେବ ଆଉ ୨ ଗୋଶାଳା
- ଖୋର୍ଦ୍ଧା ଜିଲାପାଳଙ୍କୁ ଜାଗା ମାଗିଲା ବିଏମ୍‌ସି

ରାଜଧାନୀ ଭୁବନେଶ୍ୱରରେ ବୁଲା ଗାଇଗୋରୁଙ୍କ ପ୍ରାର୍ଦ୍ଦୁଭାବ କମାଇବା ପାଇଁ ବିଏମ୍‌ସି ପଦକ୍ଷେପ ନେଉଛି। ଏଣିକି ବୁଲାଗୋରୁ ହୁଅନ୍ତୁ ଅବା ଗୃହପାଳିତ ପ୍ରାଣୀ ସେମାନେ ରାସ୍ତାରେ ବୁଲିପାରିବେ ନାହିଁ। ରାସ୍ତାରେ ବୁଲିଲେ ସେମାନଙ୍କୁ ବିଏମ୍‌ସି ସ୍କ୍ୱାଡ୍ ଉଠାଇନେବ। ସେହିପରି ଯେଉଁ ମାଲିକମାନେ ସେମାନଙ୍କ ଗୋରୁକୁ ରାସ୍ତାକୁ ଛାଡ଼ିବେ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ବୋଲି ବିଏମ୍‌ସି ପକ୍ଷରୁ ଯୋଜନା ହୋଇଛି। ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳ ରାସ୍ତାରେ ଦଳ ଦଳ ହୋଇ ଗୋରୁପଲଙ୍କ ଯୋଗୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ତେଣୁ ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ବିଏମ୍‌ସିର ସ୍ୱତନ୍ତ୍ର ସ୍କ୍ୱାଡ୍ ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖିବ। ଏହି ସମୟରେ ମାଲିକ ସେମାନଙ୍କ ଗୋରୁ ନେବାକୁ ଆସିଲେ ବାଛୁରୀଙ୍କୁ ଦିନ ପିଛା ୧ହଜାର ଟଙ୍କା ଏବଂ ଗାଈ ପାଇଁ ଦିନକୁ ଦେଢ଼ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯଦି ୨/୩ ଦିନ ଭିତରେ ସମ୍ପୃକ୍ତ ଗୋରୁଙ୍କ ମାଲିକ ସେମାନଙ୍କୁ ନେବାକୁ ନ ଆସନ୍ତି ତେବେ ବିଏମ୍‌ସିର ଗୋଶାଳା ଜାମୁକୋଳିକୁ ପଠାଇ ଦିଆଯିବ। ବିଏମ୍‌ସି ସେମାନଙ୍କର ରକ୍ଷଣାବେକ୍ଷଣ କରିବ ବୋଲି ବିଏମ୍‌ସି ଡେପୁଟି କମିଶନର (ୱେଲଫେୟାର୍) ରମେଶ ଚନ୍ଦ୍ର ଜେନା ରବିବାର ସୂଚନା ଦେଇଛନ୍ତି। ସହରରେ ଅନେକ ବ୍ୟକ୍ତି ଗୋରୁ ରଖୁଥିଲେ ବି ସେମାନଙ୍କର ଠିକ୍ ଭାବେ ଯତ୍ନ ନେଉ ନାହାନ୍ତି। ଅନେକଙ୍କର ଗୁହାଳ ନ ଥିବାରୁ ଗୋରୁଙ୍କୁ ରାସ୍ତା କଡ଼ରେ ଛାଡ଼ି ଦେଉଛନ୍ତି। ତେଣୁ ସେମାନଙ୍କ ପାଇଁ ବିଏମ୍‌ସି ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବ। ଏହି ସ୍କ୍ୱାଡ୍ ଗୋରୁ ରଖୁଥିବା ଲୋକଙ୍କ ଘରକୁ ଯାଇ ଗୁହାଳ ଅଛି କି ନାହିଁ ତଦାରଖ କରିବେ। ଏଥିସହ ଗୋପାଳନ କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଦେଖିବେ। ଖୁବ୍ ଶୀଘ୍ର ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ଡେପୁଟି କମିଶନର କହିଛନ୍ତି।

ଏହାବ୍ୟତୀତ ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ଆଉ ଦୁଇଟି ଗୋଶାଳା ନିର୍ମାଣ କରାଯିବ। ଏଥିପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ୧୨ ଏକର ଏବଂ ୯ ଏକର ପରିମିତ ଦୁଇଟି ଜାଗା ମଗାଯାଇଛି। ଜାଗା ମିଳିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ବୁଲା ଗୋରୁଙ୍କ ପାଇଁ ଜାମୁକୋଳିଠାରେ ଗୋଟିଏ ଗୋଶାଳା ରହିଛି। ସେଠାରେ ଏବେ ୧୭୫ ଗୋରୁ ରହିଛନ୍ତି। ସହରରେ ୨ହଜାରରୁ ଊର୍ଦ୍ଧ୍ୱ ବୁଲା ଗୋରୁ ଥିବାବେଳେ ଗୋଟିଏ ଗୋଶାଳାରେ ସମସ୍ତଙ୍କୁ ରଖିବା ସମ୍ଭବ ହେଉନାହିଁ। ତେଣୁ ଆଉ ଦୁଇଟି ଗୋଶାଳା ନିର୍ମାଣ ଲାଗି ଯୋଜନା ପ୍ରସ୍ତୁତ ହେଉଛି। ଏ ସମ୍ପର୍କରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଅନେକ ସମୟରେ ବୁଲା ଗୋରୁଙ୍କ ପାଇଁ ଦୁର୍ଘଟଣା ଘଟୁଛି। ତେଣୁ ଏହାକୁ ଏଡ଼ାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଖୁବ୍ ଶୀଘ୍ର ଏନେଇ ସମସ୍ତ ପ୍ରକ୍ରିୟା ସହ ଗୋଶାଳା ନିର୍ମାଣ କରାଯିବ। ବାହାରେ ଗୋରୁମାନେ ପଲିଥିନ୍‌ଠାରୁ ଆରମ୍ଭ କରି ପ୍ଲାଷ୍ଟିକ୍, ଅଇଁଠା ଆଦି ଖାଉଛନ୍ତି। ମାତ୍ର ସେଠାରେ ସେମାନଙ୍କୁ ଭଲ ଖାଇବା ଦିଆଯିବା ସହ ଉପଯୁକ୍ତ ଯତ୍ନ ନିଆଯିବ। ପ୍ରାୟ ୪/୫ ହଜାର ଗୋରୁ ରହିବା ଭଳି ବ୍ୟବସ୍ଥା କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଜୁଲାଇ, ୨୦୨୨

**ବନ ମହୋତ୍ସବ ପାଳିତ**

ମଙ୍ଗୁଳି,(ଡି.ଏନ.ଏ.): କଟକ ଜିଲା ଟାଙ୍ଗୀ କଲେଜର ଯୁଥ୍ ରେଡ୍‌କ୍ରସ ୟୁନିଟ୍ ପକ୍ଷରୁ ବନ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଇକ୍‌ବାଲ୍ ହୁସେନଙ୍କ ସମେତ ସ୍ମିତିପ୍ରଜ୍ଞା ମହାନ୍ତି, ଲକ୍ଷ୍ମୀପ୍ରିୟା ସେଠୀ, ସ୍ନିଗ୍ଧା ପାରମିତା ନାୟକ, ଅନିମା ସାହୁ ଓ ସୁସ୍ମିତା ମଲ୍ଲିକ ପ୍ରମୁଖ ଚାରାରୋପଣ କରିଥିଲେ। ଅଧାପିକା ଡ. ବିଲ୍‌କେଶ୍ ପର୍‌ବିନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ପର୍ଶୁରାମ ମହାନ୍ତି, ଅଧାପିକା ବିଷ୍ଣୁପ୍ରିୟା ଦାଶ, ମନୀଷା ମିଶ୍ର, କର୍ମଚାରୀ ତପନ କୁମାର ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଆଜି କ'ଣ କେଉଁଠି

କଟକ

- କଟକ ନଗର ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।

# ଅପରାଧ ରୋକିବାକୁ ଜେଲରେ ପରେଡ୍

ଭୁବନେଶ୍ୱର,୧୦।୭(ବ୍ୟୁରୋ)

- ୭ ଦିନରେ ଜେଲକୁ ଆସିଥିବା ଅଭିଯୁକ୍ତଙ୍କ ତଥ୍ୟ ସଂଗ୍ରହ
- ପ୍ରତ୍ୟେକ ରବିବାର ହେବ ପରେଡ୍

ରାଜଧାନୀରେ ପୂର୍ବାପେକ୍ଷା ଅପରାଧ ବଢ଼ି ଚାଲିଛି। ବିଭିନ୍ନ ମାମଲାରେ ଅଭିଯୁକ୍ତମାନେ ଗିରଫ ହୋଇ ଜେଲ ଯାଉଛନ୍ତି। ତେବେ କିଛି ଦିନ ପରେ ସେମାନେ ଜାମିନରେ ଆସି ପୁଣି ଅପରାଧ ଘଟାଉଛନ୍ତି। ଅଭ୍ୟାସଗତ ଅପରାଧୀମାନେ ବାରମ୍ବାର ଆତଙ୍କ ଖେଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କଡ଼ା ନଜର ରଖିବା ସହ ଅପରାଧ ରୋକିବାକୁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ (ୟୁପିଡି) ପୁଣି ପୁରୁଣା କାର୍ଯ୍ୟଧାରାକୁ ଆପଣାଇଛି। ପୋଲିସ ରବିବାର ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ପରେଡ୍ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ୍ ଯାଇ ଅଭ୍ୟାସଗତ ଅପରାଧୀଙ୍କ ତଥ୍ୟ ସଂଗ୍ରହ କରିଛନ୍ତି। ଉକ୍ତ ତଥ୍ୟ ଆଧାରରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଯୋଜନା କରିଛି। ପ୍ରତ୍ୟେକ ରବିବାର ଜେଲରେ ଏଭଳି ପରେଡ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅପରାଧୀଙ୍କୁ ବାଟକୁ ଆଣିବାକୁ କମିଶନରେଟ୍ ପୋଲିସ ପୂର୍ବରୁ ଏହି ପଦକ୍ଷେପ ଗ୍ରହଣ କରିଥିଲା। ଏବେ ପୁଣି ଅପରାଧ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପୋଲିସ ଏହା ଆରମ୍ଭ କରିଛି। ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀ, ଶହୀଦନଗର ଥାନାଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କ ସମେତ ଏକ ପୋଲିସ ଟିମ୍ ଝାରପଡ଼ା ଜେଲ୍ ଯାଇଥିଲେ। ଗତ ୭ଦିନ ମଧ୍ୟରେ ଗିରଫ ହୋଇ ଜେଲ ଆସିଥିବା, ଏକାଧିକ ମାମଲାରେ ସମ୍ପୃକ୍ତ ଥିବା, ଅଭ୍ୟାସଗତ ଅପରାଧୀଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଜେଲ୍ କର୍ତ୍ତୃପକ୍ଷଙ୍କଠାରୁ ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିଛନ୍ତି। ଗତ ୭ଦିନ ମଧ୍ୟରେ କେଉଁ କଏଦୀମାନେ ଜାମିନ୍‌ରେ ବାହାରକୁ ଆସିଛନ୍ତି, ଜାମିନ୍‌ରେ ଆସି ପୁଣି ଅପରାଧ ଘଟାଇଛନ୍ତି, ଥାନାଧିକାରୀମାନେ କାହାକୁ କେଉଁ ମାମଲାରେ ଗିରଫ କରିଥିଲେ, ସମ୍ପୃକ୍ତ ଅଭିଯୁକ୍ତ ଜେଲରେ ଅଛନ୍ତି କି ନାହାନ୍ତି, କେଉଁମାନେ ତାଙ୍କୁ ଦେଖା କରିବାକୁ ଆସୁଛନ୍ତି, ଅପରାଧୀଙ୍କ ଆଚରଣ କେମିତି ରହିଛି, କିଏ କେତେ ମାମଲାରେ ସମ୍ପୃକ୍ତ ପ୍ରଭୃତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ସମ୍ପୃକ୍ତ କଏଦୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ଅଣାଯାଇଛି। ପୋଲିସ ମାନୁଆଲ ଅନୁଯାୟୀ, ଜେଲରେ ରହୁଥିବା ଅଭିଯୁକ୍ତଙ୍କ ଉପରେ ଥାନାଧିକାରୀ ନଜର ରଖିବାର ନିୟମ ରହିଛି। ବିଶେଷକରି ଚୋରି, ଲୁଟ୍, ଡକାୟତି ଭଳି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରିଛି। ଏହି ପରେଡ୍ ଦ୍ୱାରା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପୋଲିସ ନଜର ରଖିବ।

## ଟା' ପିଇବା ବେଳେ ମାଡ଼ିଗଲା ବୋଲେରୋ

ଆଠଗଡ଼,୧୦।୭(ସ୍ୱ.ପ୍ର.)

- ଟ୍ରକ୍ ହେଲପର ମୃତ, ଚାଳକ ଗୁରୁତର
- ଟା' ଦୋକାନ ଭାଙ୍ଗି ଚୂରମାର

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ୬୫ ନମ୍ବର ରାଜ୍ୟ ରାଜପଥର ଖୁଣ୍ଟକଟା ଛକ ନିକଟରେ ଶନିବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଟ୍ରକ୍ ରଖି ଚାଳକ ଓ ହେଲପର ଚା' ପିଉଥିବାବେଳେ ଚା' ଦୋକାନରେ ବୋଲେରୋ ମାଡ଼ିଯିବାରୁ ଟ୍ରକ୍ ହେଲପରଙ୍କ ମୃତ୍ୟୁ ହୋଇଛି। ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଗୁଡ଼ା କଲୋନୀର ବଳରାମ ନାୟକ। ଗୁରୁତର ହେଲେ ନୟାଗଡ ଜିଲା ନୂଆଗାଁ ଥାନା ଅନ୍ତର୍ଗତ ଅନ୍ଧାରଖଣି ଅଞ୍ଚଳର କାଳିନ୍ଦୀ ନାଏକ। ଏନେଇ ମୃତ ବଳରାମଙ୍କ ମାମୁ ଗୋବିନ୍ଦ ଚନ୍ଦ୍ର ନାୟକ ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବୋଲେରୋ ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ରାତି ପ୍ରାୟ ୧ଟା୩୦ରେ ବଳରାମ ଓ କାଳିନ୍ଦୀ ଗାଡ଼ି ରଖି ଚା' ପିଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ଓଡି-୦୧-ଏଫ-୭୭୨୫ ବୋଲେରୋ ସେମାନଙ୍କୁ ଧକ୍କାଦେଇ ଚା'ଦୋକାନ ଉପରେ ମାଡ଼ି ଯାଇଥିଲା। ଫଳରେ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗି ଯିବା ସହ ସେଠାରେ ଥିବା ଦୋକାନୀଙ୍କ ଏକ ବାଇକ୍ ଭାଙ୍ଗି ଚୂରମାର ହୋଇଯାଇଥିଲା। ଟ୍ରକ୍ ଡ୍ରାଇଭର ଓ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ହେଲପରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ମାମଲା (ନଂ.୧୫୩/୨୨) ରୁଜୁ ହୋଇଛି। ଏହି ମାମଲାର ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ଜହ୍ନିତା ସାସମଲ ସୂଚନା ଦେଇଛନ୍ତି।

## ଡିକି ଭାଙ୍ଗି ଟଙ୍କା ଲୁଟ୍ ଘଟଣା, ୨ ଗିରଫ

### ୨୯ ହଜାର ଟଙ୍କା, ବାଇକ୍, ମୋବାଇଲ ଜବତ

ମଙ୍ଗୁଳି,୧୦।୭(ଡି.ଏନ.ଏ.): ଲୁଟ୍ ଘଟଣାରେ ଜଗତ୍‌ପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ସଦର ଥାନା ଅଧୀନ ବାଜିପଡା ଗ୍ରାମର ମନୋଜ ଦାସ(୨୩) ଓ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋଳିପଡି ଗ୍ରାମର ରାମ ଦାସ(୨୨)। ସେମାନଙ୍କ ଠାରୁ ୨୯ ହଜାର ଟଙ୍କା, ଦୁଇଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ପୁର ଥାନା ଅଧୀନ ଗୋପୀନାଥପୁର ଗ୍ରାମର ରାମଚନ୍ଦ୍ର ରାଉତ ଗତ ଜୁନ୍ ୨୧ ତାରିଖରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ଗାଡ଼ି ଡିକିରେ ରଖିଥିଲେ। ପରେ ବ୍ୟାଙ୍କ ପାଖରେ ଥିବା ଏକ ଦୋକାନକୁ ଚା' ପିଇବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ତାଙ୍କ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଚା' ପିଇବା ପରେ ଗାଡି ପାଖରେ ପହଞ୍ଚିବାବେଳକୁ ଡିକି ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଥିବା ରାମଚନ୍ଦ୍ର ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫୨/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

## 'ସମାଜକୁ ସଂସ୍କାରର ବାର୍ତ୍ତା ଦିଏ ସାହିତ୍ୟ'



ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ ଅଫିସ, ୧୦।୭

### ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

କଟକ ଶ୍ରୀରାମଚନ୍ଦ୍ର ଭବନରେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମାନବିକ ଅଧିକାର ଆୟୁକ୍ତଙ୍କ ସଦସ୍ୟ ଅସୀମ ଅମିତାଭ ଦାସ ଉଦ୍‌ଘାଟନ କରି ସାହିତ୍ୟ ସମାଜକୁ ସଂସ୍କାରର ବାର୍ତ୍ତା ଦେଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ପ୍ରାଧାପକ ଆଦିତ୍ୟ ପ୍ରତାପ ଧଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ପ୍ରଫେସର ତରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବିଶ୍ୱ ସାହିତ୍ୟରେ ପ୍ରଖ୍ୟାତ ଲେଖକଙ୍କ ସାମାଜିକ ପ୍ରତିବଦ୍ଧତା ଯୋଗୁ ସେମାନେ କାଳଜୟୀ ଲେଖା ସୃଷ୍ଟି କରିପାରିଛନ୍ତି। ଏଣୁ ଅନ୍ୟମାନଙ୍କ ଅପେକ୍ଷା ଲେଖକଙ୍କର ସାମାଜିକ ଦାୟିତ୍ୱବୋଧ ଅଧିକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୋବିନ୍ଦ ଚାନ୍ଦ ଯୋଗଦେଇ କହିଥିଲେ, ସାହିତ୍ୟ ଜୀବନକୁ ଆଗକୁ ବଢାଇଥାଏ। ଏହି ଅବସରରେ ଡ. କୀର୍ତ୍ତନ ନାରାୟଣ ପାଢୀଙ୍କୁ ଶ୍ରୀଦୁର୍ଗା ଗୀତିଭାରତୀ ସମ୍ମାନ, ଇଂ. ଧନୁର୍ଦ୍ଧର ମିଶ୍ରଙ୍କୁ ନାଟ୍ୟଭାରତୀ ସମ୍ମାନ, ପ୍ରେମଚାନ୍ଦ ମହାନ୍ତିଙ୍କୁ ଗୀତିଭାରତୀ ସମ୍ମାନ, ସାନ୍ତ୍ୱନା ମହାନ୍ତିଙ୍କୁ ଗୀତିକବି ମୀନାକ୍ଷୀ ଦେବୀ ସ୍ମୃତି ସମ୍ମାନ, ଚିତ୍ତରଞ୍ଜନ ଚିରଞ୍ଜିତଙ୍କୁ ଗଳ୍ପସ୍ୱଳ୍ପ ସମ୍ମାନ, ପ୍ରସନ୍ନ ସ୍ୱାଇଁଙ୍କୁ ପାଣ୍ଡୁଲିପି ସମ୍ମାନ, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତଙ୍କୁ ପଲ୍ଲୀବଧୂ ସମ୍ମାନ, ଅଶ୍ୱିନୀ କୁମାର ସେଠୀ ଓ ଅଶୋକ ସାମନ୍ତରାୟଙ୍କୁ ନାଥବ୍ରହ୍ମ ସଂଗଠନ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ, କବୟିତ୍ରୀ ବିଶ୍ୱମିତ୍ରା ମିଶ୍ର ଅତିଥି ପରିଚୟ ଓ ସତ୍ୟଶୈଳ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ।

## 'ମାସ୍କ ପିନ୍ଧିବା, ସାମାଜିକ ଦୂରତା କଡ଼ାକଡ଼ି ପାଳନ ହେଉ'

କଟକ ଅଫିସ, ୧୦।୭

ଲେଡିଜ ୱାର୍କର୍ସ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କରୋନା ସଚେତନତା କାର୍ଯ୍ୟକ୍ରମ କଟକ ବଙ୍ଗାଳିସାହିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭୀପ୍ସା ଅନୁଷ୍ଠାନର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କରୋନା ମହାମାରୀ ପୁନଶ୍ଚ ବଢ଼ିବାରେ ଲାଗିଛି। ସହରରେ ପ୍ରତିଦିନ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସତର୍କ ହେବାର ସମୟ ଆସିଛି। କରୋନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା, ପ୍ରତ୍ୟେକ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତାକୁ କଡାକଡି ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଡା. ରବିରଞ୍ଜନ ସାହୁ ଯୋଗଦେଇ ବରିଷ୍ଠ ନାଗରିକମାନେ ଅଧିକ ସତର୍କ ରହିବା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ବିଶ୍ୱନାଥ କର, ସୁଲତା ପଣ୍ଡା , ସାମାଜିକ କର୍ମୀ ଶଶୀଭୂଷଣ ବେହେରା, ପ୍ରଦୀପ କୁମାର ଆଢ୍ୟ ଓ ଆଇନଜୀବୀ ବାମଦେବ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣ୍ଡଗୋଳ ଘଟଣା: ୩ କୋର୍ଟଚାଲାଣ

କଣ୍ଟାପଡା,୧୦।୭(ଡି.ଏନ୍.ଏ.)

### ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା

ଗୋବିନ୍ଦପୁର ଥାନା ଅନ୍ତର୍ଗତ ପୋସ୍ତଳ ପଞ୍ଚାୟତର ସୁଦସାଇଲୋ ଛକରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ନାବାଳକଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦେଇଛି। ପୋଲିସ ସୂଚନା ଅନୁଯାୟୀ, ପୋସ୍ତଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୁ ଓରଫ ପ୍ରଦୀପ୍ତ ପାତ୍ର ଗତ ଜୁନ୍ ୬ ତାରିଖରେ ସୁଦସାଇଲୋ ଛକରେ ଛିଡା ହୋଇଥିବାବେଳେ ସେହି ଗ୍ରାମର ତ୍ରିଲୋଚନ ଭୋଇ ହଠାତ୍ ଆସି ତାଙ୍କୁ ମାଡ ମାରିଥିଲେ। ଏଥିସହ ତ୍ରିଲୋଚନ ବିଜୁଙ୍କ ଉପରକୁ ଏକ ଦେଶୀବୋମା ଫିଙ୍ଗିଥିଲେ ମଧ୍ୟ ତାହା ଫୁଟି ନ ଥିଲା। ଏ ସମ୍ପର୍କରେ ବିଜୁ ଅଭିଯୋଗ କରିବା ପରେ ଗୋବିନ୍ଦପୁର ଥାନାରେ ଏକ ମାମଲା(ନଂ.୮୨/୨୨) ରୁଜୁ ହୋଇଥିଲା। ଅପରପକ୍ଷେ ବିଜୁ, ଅଣ୍ଟେଇସାହିର ବିଶ୍ୱଜିତ୍ ସାମନ୍ତରାୟ, ଜଣେ ନାବାଳକଙ୍କ ସମେତ ପ୍ରାୟ ୧୫ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ତ୍ରିଲୋଚନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଆଉଏକ ମାମଲା(ନଂ.୮୩/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ବିଜୁ ଓ ଅନ୍ୟ ଅଭିଯୁକ୍ତମାନେ ଯାଜପୁର ରୋଡ୍ ଅଞ୍ଚଳରେ ଲୁଚିଥିବା କଟକ ଏସ୍‌ଡିପିଓ ସୁବାଷ ଚନ୍ଦ୍ର ପଣ୍ଡା ଖବର ପାଇଥିଲେ। ପରେ ସେ ଯାଜପୁର ପୋଲିସ ସହାୟତାରେ ଉକ୍ତ ସ୍ଥାନରେ ଚଢ଼ାଉ କରି ବିଜୁ, ବିଶ୍ୱଜିତ୍ ଓ ଅନ୍ୟଜଣେ ନାବାଳକଙ୍କୁ କାବୁ କରିଥିଲେ। ସେହିପରି ଗୋବିନ୍ଦପୁର ପୋଲିସ ତ୍ରିଲୋଚନଙ୍କୁ ସୁଦସାଇଲୋ ଗ୍ରାମରୁ ଶନିବାର ରାତିରେ ଗିରଫ କରିଥିଲା।

## ଇଦ୍ ପର୍ବ ପାଳିତ

କଟକ ଅଫିସ/ ଟିଗିରିଆ, ୧୦।୭ (ଡି.ଏନ୍.ଏ.): ଭାଇଚାରାର ସହର କଟକରେ ଇଦ୍-ଉଜ୍-ଜୁହା ପର୍ବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ପଲ୍‌ଟନ୍ ମସ୍‌ଜିଦ୍, ଜାମା ମସ୍‌ଜିଦ୍, କଦମ ରସୁଲ ଭଳି ଅନେକ ମସ୍‌ଜିଦ୍‌ରେ ସାମୂହିକ ନମାଜ ପାଠ କରାଯାଇଥିଲା। ମୁସଲମାନମାନେ ନୂଆବସ୍ତ୍ର ପିନ୍ଧି ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ତେବେ କୋଭିଡ୍ କଟକଣା ମଧ୍ୟରେ ଏହାକୁ ପାଳନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ଟିଗିରିଆ ବ୍ଲକ ଅନ୍ତର୍ଗତ ଜମା ଅହମ୍ମଦିୟା ପଙ୍କାଲ ଜାମା ମସ୍‌ଜିଦ୍‌ରେ ମୁସଲମାନମାନଙ୍କର ଦାନ ଓ ବଳିଦାନର ପର୍ବ ପବିତ୍ର ଇଦ୍-ଉଲ୍-ଜୁହା ଆନନ୍ଦ ଉଲ୍ଲାସର ସହିତ ଶୃଙ୍ଖଳିତ ଭାବେ ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢେ ୯ଟାରେ ମହିଳା ଓ ପୁରୁଷଙ୍କୁ ପର୍ଯ୍ୟାୟକ୍ରମେ ଇଦ୍ ନମାଜ ମୌଲାନା ଅବଦୁଲ୍ କାଦିର ପାଠ କରାଯାଇଥିଲା। ଏଥିସହ ଉଦ୍-ଉଲ୍-ଜୁହାର ମହତ୍ୱ ବର୍ଣ୍ଣନା କରିଥିଲେ। ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା ପରେ ପରସ୍ପର ମଧ୍ୟରେ ସ୍ନେହଶ୍ରଦ୍ଧାର ସୌଜନ୍ୟତା ପ୍ରଦର୍ଶନ କରାଯାଇଥିଲା। ପର୍ବରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ୍ ଇସମାଇଲ ଖାଁ, ଅଞ୍ଜୁମ ଖାଁ, ପୂର୍ବତନ ସଭାପତି ରୋଶନ ଖାଁ, ଅଫଜଲ୍ ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ।

# ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ିଲେ ପ୍ରସନ୍ନମଣି

ଟିଗିରିଆ,୧୦।୭(ଡି.ଏନ୍.ଏ.)

ଟିଗିରିଆ ଗଡ଼ଜାତର ଆରାଧ୍ୟ ଦେବତା ପ୍ରଭୁ ପ୍ରସନ୍ନମଣିଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରାର ବାହୁଡ଼ା ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୀଠ ପ୍ରଚଳିତ ପରମ୍ପରାନୁଯାୟୀ ପୁରୀ ଶ୍ରୀକ୍ଷେତ୍ର ବାହୁଡ଼ା ଯାତ୍ରାର ଗୋଟିଏ ଦିନ ବିଳମ୍ବରେ ଏଠାରେ ଠାକୁର ନିଜ ମନ୍ଦିରକୁ ବାହୁଡ଼ିଥାନ୍ତି। ପ୍ରତ୍ୟୁଷରୁ ଥାନା ଛକସ୍ଥିତ ଗୁଣ୍ଡିଚା ମନ୍ଦିରରେ ପୀଠ ସେବାୟତମାନେ ଚତୁର୍ଦ୍ଧା ବିଗ୍ରହଙ୍କ ନୀତିକାନ୍ତି ଶେଷ କରିଥିଲେ। ମଧ୍ୟାହ୍ନ ଧୂପ ପରେ ଅପରାହ୍ନରେ



ରଥ ଉପରେ ତିନି ଠାକୁରଙ୍କ ସୁନାବେଶ।

### ସୋମବାର ନୀଳାଦ୍ରି ବିଜେ

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଯାଇଥିଲା। ଟିଗିରିଆ ରାଜା ଶ୍ରୀବୀରପ୍ରତାପ କ୍ଷେତ୍ରୀୟ ବୀରବର ଚମ୍ପୁପତି ସିଂହମହାପାତ୍ରଙ୍କ ଛେରାପହଁରା ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ଭକ୍ତମାନେ ତିନିରଥକୁ ଟାଣି ନିଜିଗଡ଼ ବଡ଼କୂଅସ୍ଥିତ କିଶୋରୀମୋହନଙ୍କ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ସେଠାରେ ବିଗ୍ରହଙ୍କୁ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା। ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ପୂଜାର୍ଚ୍ଚନା ଓ ଭୋଗ ଲାଗି କରିଥିଲେ। ଏହି ଅବସରରେ ଭଜନ ସମାରୋହର ଆୟୋଜନ ହୋଇଥିଲା। ସୋମବାର ତିନିରଥକୁ ସିଂହଦ୍ୱାର ଅଭିମୁଖେ ପୁଣି ଟଣା ଯାଇ ସନ୍ଧ୍ୟାରେ ନୀଳାଦ୍ରି ବିଜେ କରାଯିବ। ସେହିପରି ପାଞ୍ଚଗାଁ ଓ ଶୁଣ୍ଡିପାଳ ଦଧିବାମନଙ୍କ ସମେତ ନୂଆପାଟଣାସ୍ଥିତ ପତିତପାବନଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି।

## ସାହେଶ୍ୱରୀ ପୀଠରେ ମହାପ୍ରଭୁଙ୍କ ସୁନାବେଶ

ସାଲେପୁର,୧୦।୭(ଡି.ଏନ୍.ଏ.)

ସାଲେପୁର ସାହେଶ୍ୱରୀ ପୀଠରେ ରବିବାର ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଗ୍ରହଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସୁନାବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ରୋଧପୁର, ଉରବଟେଶ୍ୱର, ବୋଦାମୁଣ୍ଡାଇ, ଶିଶୁଆ, ଛାଣିପୁର, କଣ୍ଟାସାହି ସମେତ ବିଭିନ୍ନ ଜଗନ୍ନାଥ ପୀଠରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି।



କଟକ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ ଓ ରାଣୀହାଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରୀଜୀଉଙ୍କ ସୁନାବେଶ।



ଖୁଣ୍ଟୁଣୀରେ ମହାପ୍ରଭୁଙ୍କ ସୁନାବେଶ।



ଆଠଗଡ଼ସ୍ଥିତ ଜଗନ୍ନାଥବଲ୍ଲଭ ମଠରେ ଠାକୁରଙ୍କ ସୁନାବେଶ।



ବାଙ୍କୀ ବ୍ଲକର ଭଗିପୁର ଗ୍ରାମରେ ଶ୍ରୀଜୀଉଙ୍କ ସୁନାବେଶ।